ଜଟାୟୁ

ନାଟକ

# ଜଉଘର

କବି ରଘୁନାଥ ଦାସ

(ପରଦା ଉଠିଲା- ଗୋଟିଏ କୋଠରୀର ଦୃଶ୍ୟ ଆଖି ଆଗରେ – କୋଠରୀଟି ଖୁବ୍ ବଡ଼ ନୁହେଁ-କି ଖୁବ୍ ଛୋଟ ବି ନୁହେଁ। ଖଣ୍ଡିଏ ତକ୍ତପୋଷ ପଡ଼ିଛି, ଖଣ୍ଡିଏ ଆଲମାରି,-ଦୁଇଟି ସାଦା ଚୌକି, ଆଉ ଖଣ୍ଡେ ଆରାମ ଚୌକି,ଖଣ୍ଡିଏ ଛୋଟିଆ ଟେବୁଲ୍ ମଧ୍ୟ,-ଏହି ମାତ୍ର ଘରର ଆସ୍ବାବ।

ଖଟ ସେ କରକୁ ଗୋଟାଏ ଠଣାରେ timepiece, ଘଣ୍ଟାଟାଏ ଥୁଆ ହୋଇଛି। ଦୁଇତିନିଟା ଫଟୋ ବି ଟଙ୍ଗାହୋଇଛି। ନୂଆ ପୁରୁଣା calendar ପାଞ୍ଚ ଛ'ରୁ କମିନାହିଁ, ସବୁଠୁ ନୂଆ calendar ୧୯୪୦ର। ସେଥିରୁ ସେଇଟା ଏ ବର୍ଷର ବୋଲି ବେଶ୍ ମାଲୁମ୍ ହେଉଛି। Calendarରୁ ଜଣାପଡୁଛି ଯେ ଚଳନ୍ତି ମାସ ସେପ୍ଟେମ୍ବର-। ସମୟ ଜାଣିବା ବିଷୟରେ ଘଣ୍ଟାଟା ବି କିଛି କମ୍ ସାହାଯ୍ୟ କରୁନାହିଁ। ୫ଟା ବାଜି ୧୫ ମିନିଟ୍ ହୋଇଯାଇଛି-ସଞ୍ଜ ସମୟ, କିନ୍ତୁ ଆଲୁଅ ଲଗାଇବାର କୌଣସି ଆବଶ୍ୟକତା ଏ ପର୍ଯ୍ୟନ୍ତ ପଡ଼ିନାହିଁ । ସନ୍ଧ୍ୟାର ସେହି ଈଷତ୍ ଆଲୁଅରେ ଘରେ ଦୁଇତିନିଟା ଦେଶୀ ଓ ବିଦେଶୀ ସୁନ୍ଦର ଖେଳନା ଦେଖିବାକୁ ମିଳେ। ଏ ନିର୍ଜୀବ ପଦାର୍ଥମାନଙ୍କୁ ଦେଖିବା ଆଗରୁ ଦର୍ଶକ ନିଶ୍ଚୟ ଦୁଇଟି ଜୀବନ୍ତ ପ୍ରତିମା ଦେଖିପାରିଥିବେ; ଉଭୟେ ନାରୀ- ତନ୍ମଧ୍ୟରୁ ଜଣେ ଟିକିଏ ପ୍ରୌଢ଼ା। ଅନ୍ୟ ଜଣକ ଯୌବନର ବିକଶିତ ଅବସ୍ଥାରେ, ବର୍ଷ ୧୬କି ୧୭ ହେବ, ଦେଖିବାକୁ ମେନକା ବା ଉର୍ବଶୀ ନୁହନ୍ତି- ତଥାପି ଅସୁନ୍ଦରୀ ବୋଲି କହି ହେବନାହିଁ-ସାଧାରଣ ସ୍ବାସ୍ଥ୍ୟ; ଦୈର୍ଘ୍ୟ,ପ୍ରସ୍ଥ ଓ ଉଚ୍ଚତା ସବୁ ସାଧାରଣ,ତଥାପି ତାହାଠାରେ ଅସାଧାରଣ କିଛି ଗୋଟାଏ ଦର୍ଶକ ଅନୁଭବ କରିପାରେ। ଦେଖିଲେ ବୋଧହୁଏ ଯେ ଯୁବତୀ ଶିକ୍ଷିତା, କିନ୍ତୁ ଔଦ୍ଧତ୍ୟର କିଛି ଲକ୍ଷଣ ନାହିଁ- ବେଶର ପରିପାଟୀ ସରଳ-ସୂତାଶାଢ଼ୀ ଖଣ୍ଡେ-ହାତରେ ଚକ୍‌ଚକ୍ କାଚ ଦୁଇପଟି ଏହାକୁହିଁ ଦେଖି ଦର୍ଶକବର୍ଗ ତାକୁ ଅବିଧବା ବୋଲି ବେଶ୍ ବୁଝିପାରିବେ –

ଅଧିକ ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ ଦର୍ଶକମାନେ ତାର ଅକ୍ଷୁର୍ଣ୍ଣ ଯୌବନର ଝଳି ଭିତରେ ଦେଖିପାରିବେ ଗୋଟାଏ ବିଷାଦର ଛାୟା, ଅସନ୍ତୋଷର ଖଣ୍ଡେ ଛୋଟ କଳା ବଉଦ-ଦୂର ଦିଗ୍‌ବଳୟରେ କେଉଁ ଭାବି ବିପ୍ଳବର ସୂଚନା ଦେଇ ଶିର ଟେକିଛି ।

ଅନ୍ୟଜଣକ ଯୁବତୀର ମାଆ କିମ୍ବା ମାତୃସ୍ଥାନୀୟା ବୋଲି ସହଜେ ଅନୁମେୟ; ଦେଖିଲାମାତ୍ରେ ଯେ କୌଣସି ଲୋକ ତାକୁ ମୋଟୀ ବୋଲି କହିବେ-ଅବଶ୍ୟ ଅଚଳନ୍ତି ମହାମେରୁ ନୁହନ୍ତି-ତଥାପି କାୟାର ଅଯଥା ବୃଦ୍ଧି ଲାଭ। ପ୍ରୌଢ଼ା ଆଧୁନିକ ଶିକ୍ଷିତା ନୁହନ୍ତି- ମରହଟ୍ଟୀ ଆଦର୍ଶରେ ମଧ୍ୟ ଦୀକ୍ଷିତା ନୁହନ୍ତି। ବଂଗର ଚୋରାମାଲ, ପାଶ୍ଚାତ୍ୟ ସଭ୍ୟତାର ପରିପାଟୀ ପ୍ରୌଢ଼ା କିଛି କିଛି ହାସଲ କରିଛନ୍ତି ମାତ୍ର ।

ପ୍ରୌଢ଼ା ଗୋଟିଏ ଚୌକି ଉପରେ ବସିଛନ୍ତି-ଗାମ୍ଭୀର୍ଯ୍ୟର ସହିତ। ଅନ୍ୟ ଜଣକ ନୀରବରେ ଖଣ୍ଡେ ଝାଡ଼ଣରେ ଛୋଟ ଟେବୁଲ୍‌ର ଉପର ସଫା କରୁଛନ୍ତି। ଏହି ସମୟରେ ଚାକର ଆର ଘରୁ ଆସି ମାଙ୍କୁ କହିଲା)

ଚାକର- ମା, ସବୁ ପାଇଟି ସଇଲା।

www.jatayu.org

Powered by Tekons

*ନାଟକ*

# ଜଉଘର

*କବି ରଘୁନାଥ ଦାସ*

ମା-  (ତୃପ୍ତିର କୌଣସି ଲକ୍ଷଣ ତାଙ୍କ ମୁହଁରେ ଦେଖାଦେଲା ନାହିଁ,ବରଂ ଆକ୍ରୋଶର ଚିହ୍ନ)-କଳରୁ ପାଣି ଆଣିଛୁ?

ଚାକର-  ହଁ, ମା-

ମା- (ଅଧିକ ବିରକ୍ତି ପ୍ରକାଶକରି )-ଦୋକାନ ସଉଦା ସବୁ ଆଇଁଲୁଣି?

ଚାକର- କେତେବେଳୁ, ମା, ଆଣି ସାରିଲିଣି-

ମା-  ଆଉ, ଚିଠି ପକେଇ ଦେଇ ଆଇଲୁଣି?

ଚାକର-  ମତେ ତ ମା' ଚିଠି କଥା କିହିନାହାନ୍ତି-

ମା-   (ଏଥର ଉତ୍ସାହିତ ହୋଇ)–ତତେ ଖାଲି ସବୁକଥା କହୁ ଥାଆନ୍ତି? ତୋ ସାଙ୍ଗରେ ବଜର ବଜର ନ ହେଲେ କିଛି କାମ ଆଉ ହବନାହିଁ-କିରେ କହନ୍ତି କ'ଣ? ତୋ ଆଖି ଯାଇଥିଲା କୁଆଡ଼େ କି? ତୁ ପରା ଦେଖୁଥେଲୁ ମୁଁ ସେତେବେଳେ ଚିଠି ଲେଖୁଥେଲି-ତତେ ଆଉ ଏତିକି ମାଲୁମ୍ ପଡ଼ିଲା ନାହିଁ?

ଚାକର-    ମୁଁ ତ ସେ କଥା ଜାଣିନାହିଁ,ମା।

ମା-  ନାହିଁ, କାହିଁକି ଜାଣିବୁ-? ତତେ ଖାଲି ସବୁକଥା କହୁଥିବି, ନୋଇଲେ ନିଜ ମନକୁ ଗୋଟାଏ କାମ କରିନେବା, ଏକଥା ନାହିଁ। ତୋ ସାଙ୍ଗରେ ଏତେ ଫଟେଇ ହବ କିଏ ରେ ? ମୁଁ ଆଉ ତତେ ପାରିବି ନାହିଁ- ତୁ ଯା।ୟା ସାଙ୍ଗରେ ବକର ବକର ହୋଇ ମଣିଷର ବର୍ଷକର ଆୟୁ ଛ ମାସରେ ତୁଟିଯିବ । ଚାକର ଅଛନ୍ତି ମାଡ଼ି ବସି କାମ କରି ଯାଉଛନ୍ତି-ହାତରୁ ଛଡ଼େଇ;ୟାକୁ ସବୁ କଥାରେ ଗୋଟାଏ କହିବ-ବେଠିଆଟାଏ ତା ସାଙ୍ଗରେ କୋଡ଼ିଆଟାଏ। ଏଇଥିପାଇଁ କହୁଥିଲୁ ପରା ସବୁ କାମ ସରିଲାଣି, ନାଇଁ?ଇଏ ନବାବଙ୍କ ପରି ଖାଇ ପିଇ ବସିବେ-ଆଉ ମୋ ଝିଅ ହାତରେ ଝାଡୁ ସଫା କରିବ। ଘର ଓଳାଇଲୁଣି?

ଚାକର-  ହଁ,ମା-

ମା-  ହଁ ମା ? ଏ ଘର ସଫା କଲୁ-?

ଚାକର-  କେତେବେଳୁଁ-

ମା- କ'ଣ କାଲି ନା, ପଅରଦିନ?କହୁଚି କେତେବେଳୁ ? ହେଁ, ଏ ଟେବୁଲ ଉପରେ ଧୂଳି ପଡ଼ିଚି ସେ କଥା ଆଉ ଦିଶିଲା

www.jatayu.org

# ଜଉଘର

କବି ରଘୁନାଥ ଦାସ

ନାଇଁ, ଆଖି କଣ ତୋର ଫୁଟି ଯାଇଚି କିରେ?ବନ ସେସବୁ ସଫା କରିବ, ଆଉ ମୁଁ ଚାକର ରଖିଚି-

ବନ- ବୋଉ, କାଇଁ ବୃଥାରେ ଇମିତି ତା'ଉପରେ ଚିଡୁଚୁ?

ମା- ବୃଥାରେ ଚିଡ଼ିଲି?ଚିଡ଼ିବି ନାଇଁ କଣ ତାକୁ ମୁଣ୍ଡରେ ଥୋଇବି? ତମେ ଏଇ ଚାକର ବାକରଙ୍କ ମୁହଁ ବଢ଼େଇ ଦେଇଚ।

ବନ- ତାର ଏଥିରେ ଦୋଷ କଣ ହେଲା, ଚିଠି ଲେଖିତ ତାକୁ କହିବାକୁ ମନେନାହିଁ, ସେ କେମିତି ଜାଣିବ? ଏଥିରେ ତାର ହେଲା ଦୋଷ । ଟେବୁଲ ଉପରେ ପୁରୁଣା ସେ ଛୋଟ ସୁଟ୍‌କେସ୍‌ଟା ମୁଁ ଝାଡ଼ିଲି-ମଇଳା ପଡ଼ିଲା; ସେଥିରେ ଦୋଷ ହେଲା ତାର। ମୁଁ ଏବେ ଟିକିଏ ଝାଡ଼ିଦେଲି-ସେଥିରେ କଣ ମୋ ହାତ ଘୋରି ହେଇଗଲା?

ଚାକର- ମୁଁ କଣ ଦେଇ,କାମ କରିବାକୁ କେତେବେଳେ ମନା କରିଚି?ମୁଁ କଣ କେତେବେଳେ କଥା ଏଡ଼ି ଦେଇଯାଇଛି, ମା? ମତେ ଟିକିଏ କହି ଦେଇଥିଲେ ମୁଁ ଚିଠିଖଣ୍ଡ କଣ ପକେଇ ଦେଇ ଆସିନଥାନ୍ତି?ମୋ ଗୋଡ଼ କଣ ଘୁରି ଯାଉଥେଲା?

ମା- କଥା ଭାରି ସଳଖ ସୁନ୍ଦର କରି କହିଜାଣୁ-ଯା,ଯା, (ଝିଅକୁ ଚାହିଁ)ତମରି ଯୋଗୁଁ ଏ ଚାକର ଗୁଡ଼ାକ ଇମିତି ହଉଛନ୍ତି-ଘରଗୁଣେ ବିଲେଇ ମାଉନ୍ତି-ତମେ ସମ୍ଭାଳ ତାଙ୍କୁ । ମୁଁ ପଛେ ତୁନି ରହୁଛି। ତୋର ତୁ ଘରଯାକ ପାଇଟି ଆପେ କଲୁ ମୋର କ'ଣ ଯାଉଛି? ମତେ କ'ଣ ପାଟି କରିବାକୁ ଭଲ ଲାଗୁଛି। ଚାକରଙ୍କୁ ତ ବେଲପତ୍ରୀ ତୁଳସୀ ଦେଇ ପୂଜା କରିବ, ତାଙ୍କଠୁଁ କାମ ଉଠିବ କେମିତି? (ମା ମୁହଁ ଫଣ ଫଣ କରି ବସିଲେ, କିଛିକ୍ଷଣ ପାଇଁ ସମସ୍ତେ ନୀରବ)

ବନ- ନିମା, ରୁମାଲଟା ଶୁଖେଇଥିଲି-ଏ ଖସିପଡ଼ିଲା ତ-ଟିକିଏ ଘେନି ଆସିଲୁ-(ଚାକର ଅଗଣାରୁ ରୁମାଲ ଆଣିବାକୁ ଗଲା, ମା ଅଭିମାନ ଓ କ୍ଷୋଭରେ ନିଶ୍ଚଳ ହୋଇ ବସି ରହିଥାନ୍ତି। ବନ ମଧ୍ୟ ଚୁପ୍। ଚାକର ରୁମାଲ ଆଣି ଫେରିଲା, ଆଉ ବନ ହାତକୁ ବଢ଼ାଇଦେଲା)

ଚାକର- ମା, ଗୋଟିଏ କଥା କହନ୍ତି-

ମା- (ବିରକ୍ତ ହୋଇ)-କଣ?

ଚାକର- କାଲି ଦିହିପହରେ ସହରର ସବୁ ଚାକର ବାକରଙ୍କର ଗୋଟାଏ ସଭା ହେଉଛି, ୧୨ଟା ବେଳେ , ଗୋପାଳଜୀ

*ନାଟକ*

# ଜଉଘର

କବି ରଘୁନାଥ ଦାସ

ମଠରେ ହବା କଟକରେ ଯେତେ ଚାକର ସବୁ ଯାଉଛନ୍ତି। ମୁଁ ଟିକିଏ ଯା'ନ୍ତି, ମା, ଘଣ୍ଟାକ ପାଇଁ । ମୁଁ ଖାଲି କଣ ହେଉଛି ଦେଖି ସେମିତି ଠିଆଏ ଠିଆଏ ପଳାଇଆସନ୍ତି।

ମା- ଯା, ତୋର ମନ ଯୁଆଡ଼େ ହଉଚି;-ମୋର ସେଥିରେ ଯାଏ କେତେ ଆସେ କେତେ? ମୋର ମୁଁ ମୁହଁ ବାନ୍ଧି କରି ବସୁଛି ତୁମେତ ଏବ କାଳକୁ ବାବୁଭାୟା ହେବ ବାହାରିଲଣି- ତମକୁ କଥା କହିଲା ବେଳକୁ ଡର ମାଡୁଛି। ଚାକର ରହିତ, ଜାମାଯୋଡ଼ ହୋଇ ସଭା, ସିନେମା, ସରକସ୍ ଦେଖି ନ ଗଲେ ହବ କିମିତି?ଆଉ ମୁଁ ଏଠି ସବୁଯାକ କାମ କରିବାକୁ ଅଛି।

ଚାକର- ନା, ମା, ମୁଁ କଣ ତା କହିଲି- ମୁଁ ସବୁକାମ ସାରିଦେଇ ଦିହିପହରେ ଅଧଘଣ୍ଟାକ ପାଇଁ ଯିବି- ଖାଲି ଟିକିଏ ମୁହଁ ମାରିଦେଇ ଆସିବି। କାମ ପକେଇଦେଇ ଯିବାକୁ ଆଗ କା ମନ ହେବ?

ମା- ମୁଁ କିଛି କହିପାରିବି ନାହିଁ, ତମ ବାବୁ ଆସନ୍ତୁ, ସେ ଯାହା କହିବେ-ମୁଁ ଏ ଝିନ୍ଝଟ୍‌ରେ ପଶି ପାରେ ନାହିଁ-ତାଙ୍କୁ କହି ତମେ ସଭାକୁ ଯା କି ଫଭାକୁ ଯା-ମୁଁ କାହିଁକି ସେ ହାଣ କୁରାଢ଼ି ବେକକୁ ଆଣିବି?

(ଏହି ସମୟରେ ବାବୁଙ୍କର ପ୍ରବେଶ-ବଡ଼ ଅସ୍ତବ୍ୟସ୍ତ-କୋଟ୍ କମିଜ ଇତ୍ୟାଦି ଗୋଟାଏ ଚାକର ଉପରକୁ ତ ଆଉ ଗୋଟେ ଝିଅ ଉପରକୁ ଉଃ, ଉଃ କରି ପକାଇବାରେ ଲାଗିଛନ୍ତି।ପେଣ୍ଟଟା ଉତାରିବାକୁ-)

ବାବୁ- ନିମା, ମୋ ଲୁଗାଟା ଆଣ-

(ନିମା ଲୁଗାଟା ଦେଲାରୁ ତାକୁ କାନ୍ଧରେ ପକେଇ ଦେଇ ସେଘରୁ ବାହାରିଗଲେ)

ମା- ଏ ନିମା, ପୂଜାରୀକି କହିଦେ ଜଳଖିଆ ଆଣିଦେବ।

ବନ- ବୋଉ, ଥାଉ ମୁଁ ଯାଉଛି ଆଣିବି-

ମା- ତୁ କାହିଁକି ଆଣିବୁ? ତୁ ଏଇଠି ବ;ପୂଜାରୀ କଣ କରୁଛି କି?

ବନ- ମୁଁ ଆଣିଲେ କଣ ପାପ ହୋଇଯିବ?

ମା- ହଉ, ତମ ମନ ଯାହା- ଚୁପ୍‌କରି ବସିବାକୁ କହିଲେ ତମ ହାତ ଗୋଡ଼ ଖଜର ବଜର ହେଉଛି। ତେବେ କରୁନା, କର।

www.jatayu.org

Powered by Tekons

ନାଟକ

# ଜଉଘର

କବି ରଘୁନାଥ ଦାସ

(ବନ ଚୁପ୍ କରି ଘରୁ ବାହାରିଗଲା-ନିମା ପାଣି ଗିଲାସେ ଆଣି ଟେବୁଲ୍ ଉପରେ ରଖି ଦେଇଗଲା-ଅଳ୍ପ ସମୟ ପରେ ବନ ଗୋଟିଏ ପ୍ଲେଟ୍‌ରେ ଖାଇବା ଜିନିଷ ଆଣି ଟେବୁଲ ଉପରେ ରଖିଦେଲା। ତାର ପରେ ବାବୁଙ୍କର ପ୍ରବେଶ; ବର୍ତ୍ତମାନ ପୋଷାକ ହେଉଛି ଲୁଗା, ପଞ୍ଜାବୀ ଓ ଚଟି)

ବାବୁ- କ'ଣ ଜଳଖିଆ? ନାଇଁ, ନାଇଁ ନେଇଯାଅ ନେଇଯାଅ-ମୁଁ ଖାଇବି ନାହିଁ-

ମା- ଖାଇବ ନାହିଁ କାହିଁକି? ଏତେ କଷ୍ଟକରି ଏସବୁ ହେଲା କାହିଁକି ଆଉ?

ବାବୁ- ହୋଇଥିଲା କଣ ଖାଲି ମୋ ପାଇଁ?

ମା- ତମ ପାଇଁ ନୁହେଁ ଆଉ କଣ ମୋ ପାଇଁ

ବାବୁ- ସତେ ଯିମିତି ତୁମ ତଣ୍ଟିରେ ଗଳିବ ନାହିଁ-ଖାଇ ସାଇଲଣିଟି? କିରେ ନିମା, କଣ ମା ଖାଇ ସାରିଲେଣିଟି?

ଚାକର- (ଟିକିଏ ଥଙ୍ଗ ମଙ୍ଗ ହୋଇ) ହଁ ବାବୁ।

(ବାବୁଙ୍କ ମୁହଁରେ ହସ)

ମା- (ବିରକ୍ତ ହୋଇ) ଏତେ ମିଳିବ କ'ଣ? ତମେ ଖାଇବ ଯଦି ଖାଅ, ନ ଖାଇବ ଯଦି ମନା କରିଦିଅ। ମତେ ଇମିତି କଥା ଗୁଡ଼ାକ ଭଲ ଲାଗେ ନାହିଁ।

ବାବୁ- ଥରେ ମନା କଲି ପରା- ଆଉ କେତେ ଥର ମନା କରିବି ?

ମା- ନିମା,ନେଇଯା ଏସବୁ-ନପଚାରି କରି କାହିଁ ପାଣି ଆଣୁଥିଲୁ? କୋଉଠୁ ଗୋଟାଏ ଓଲୁଟାଏ ଆସି ଜୁଟିଛି।

(ତାପରେ ଅଳ୍ପ ସମୟ ପାଇଁ ସମସ୍ତେ ନୀରବ-ନିମା ପାଣି ଗିଲାସ ନେଇ ଚାଲିଗଲା;ବନ ପ୍ଲେଟ୍‌ଟା ଧରି ସେ ଘରୁ ବାହାରିଗଲା)

ବାବୁ- ଅଭିମାନ ହୋଇଗଲା ପରା-ମୋ ବାପରେ ରାଗ-କଥା କଥାରେ ଇମିତି ଚଟି ଯାଉଛ କାହିଁକି ମ?

ମା- ସିମିତି ଗେଲବସରିଆ କଥାଗୁଡ଼ାକ ରଖିଦିଅ।

www.jatayu.org

# ଜଉଘର

କବି ରଘୁନାଥ ଦାସ

ବାବୁ- ନାଇଁମ-ମୁଁ ବିନାୟକବାବୁଙ୍କ ଘରୁ ଖାଇକରି ଆସିଛି-କଚିରୀରୁ ମତେ ସିଏ ସେଣେ ସେଣେ ଡାକିନେଲେ ପରା।

ମା- ସେଇଆଡ଼ ମୂଳରୁ କହିଥା'ନ୍ତ- ଏଣୁ ତେଣୁ କହି କି ଲାଭ? ମୋ ଖାଇବା ଖାଲି ତମ ଆଖିକି ଦିଶୁଚି।

ବାବୁ- ଫେରତ ଅଭିମାନ।

(ଟିକିଏ ନୀରବତା)

ମା- ନିମା ମୋ ସାଙ୍ଗରେ ପଟେ ଯୁଝି ସାଇଲାଣି, ଲଗେଇଛି କେଉଁ ସଭାକୁ ଯିବ- ଯାଉ ସଭାକୁ କି ଫଭାକୁ-ମୋର ସେଥିରୁ ଯାଏ କେତେ ଆସେ କେତେ । ତମ କଥା ତମେ ବୁଝ- ତାକୁ ତୁମେ ସମ୍ଭାଳ। ମୋ କଥାକୁ ତ ତିଳେ ବୋଲି ସେ ଖାତିରି କରେ ନାହିଁ।

ବାବୁ- କି ସଭା?

ମା- କେଜାଣି କି ସଭା। ଚାକର ଯିବେ ସଭାକୁ, ଯୁଗ ଓଲଟା ହେଲାକୁ ଇମିତି କଥା ହଉଚି। ବାବୁଭାୟା ସିନା ସଭା କରନ୍ତି, ଏଣିକି ତାଙ୍କର ସବୁ ସଭା କଲେଣି-କାଲି କୋଉଠି ଗୋପାଳଜୀ ମଠରେ କଟକଯାକର ଚାକରଙ୍କ ଗୋଟାଏ ସଭା ହେବ, ଆଉ ଆମ ନିମା ଯିବ ସେଠିକି।

ବାବୁ- ନିମା କହୁଥିଲା ଯିବାକୁ, ନାଇଁ?

ମା- କହୁଥେଲା? ମୋ ସାଙ୍ଗରେ ଏତେବେଳଯାଏ ସେଇ କଥା ଫଟର ଫଟର ଲଗେଇଥେଲା-ମତେ ଖାଲି କଲବଲ କରି ସମସ୍ତେ ଖାଇଲେ।

ବାବୁ- ତମେ କଣ କହିଲ?

ମା- ମୁଁ କଣ କାଇଁ କହିବି? ମୁଁ କାଇଁକି ମନା କରିବି? ତମେ ତାକୁ ଯାହା କହିବ କହ, ମୋଅର କି ଗରଜ ପଡ଼ିଚି।

ବାବୁ- ହଉ, ନିମା- ନିମା-

ନିମା- ଆଜ୍ଞା,(ପ୍ରବେଶ) ବାବୁ,

www.jataayu.org

ନାଟକ

# ଢଉଘର

କବି ରଘୁନାଥ ଦାସ

ବାବୁ- କିରେ କି ସଭା ହଉଚି କୋଉଠି?

ନିମା- (ମୁଣ୍ଡକୁ ନଖରେ ରାମ୍ପୁ ରାମ୍ପୁ) ନାଇଁ,ବାବୁ, କାଲି କଟକର ଯେତେ ଚାକର ଅଛନ୍ତି, ସମସ୍ତଙ୍କର ଗୋଟାଏ ସଭା ହଉଚି?

ବାବୁ- ହୁଁ-କେତେବେଳେ?

ନିମା- ଦିହିପହରେ, ୧୨ଟା ବେଳେ,ଗୋପାଳଜୀ ମଠରେ ।

ବାବୁ- ହୁଁ, ଆଉ ତୁ ସେଠିକି ଯିବୁ, ନାଇଁ?

ନିମା- ହଁ, ବାବୁ, ସବୁ ଚାକର ବାକର ଯାଉଛନ୍ତି ଯେ, ମୁଁ କାମଦାମ ଛିଣ୍ଡେଇ ଘଣ୍ଟାକ ପେଇଁ ଟିକିଏ ଯାନ୍ତି ବୋଲି ମାଙ୍କୁ କହୁଥେଲି।

ବାବୁ- ହୁଁ, କି ବିଷୟରେ ସଭା ହଉଚି? ସଭା କରଉଚି କିଏ?

ନିମା- ବାବୁ- ମୁଁ ତ ବଜାରରେ ଦୀନେଶବାବୁଙ୍କ ଚାକରଠୁଁ ଶୁଣିଲି, କିଏ କରଉଚି କି କଣ ମୁଁ ଜାଣିନାଇଁ।

ବାବୁ- କି ବିଷୟରେ ହଉଚି, ସେ କଥା ବି ଜାଣିନାଉଁ-ନାଁ?

ନିମା- ନାଇଁ ବାବୁ, ଖାଲି ଜାଣିଛି, ସଭା ହଉଚି।

ବାବୁ- କିଏ ସଭା କରଉଚି, ସଭା କାହିଁକି ହଉଚି, ସେ କଥା ମାଲୁମ୍ ନାଇଁ।ଖାଲି ସଭାକୁ ଯିବି, ସଭାକୁ ଯିବି, ହେଃ-

ନିମା- (କଣ କଣ କହିବାକୁ ଯାଉଥିଲା, ଚୁପ୍ ହୋଇଗଲା)

ବାବୁ- କଣ କହୁଚୁ, ଯିବୁ?

ନିମା- ହଁ ବାବୁ, ଖାଲି ଟିକିଏ ମୁହଁ ମାରିଦେଇ ଆସନ୍ତି।

ବାବୁ- କଣ ଯିବୁ ଚେହେରା ଦେଖେଇବାକୁ? ସେଠି କଣ ଛେନା-ଗୁଡ ବଣ୍ଟା ହଉଚି ଯେ ଯିବୁ?

www.jataayu.org

*ନାଟକ*

# ଜଉଘର

*କବି ରଘୁନାଥ ଦାସ*

(ଏହି ସମୟରେ ବନର ପ୍ରବେଶ- ନିମା ତା ଆଡ଼କୁ ମିନତିଭରା ଏକ ଚାହାଣୀ ନିକ୍ଷେପ ହେଲା)

ବନ- ଯାଉ,ବାପା, କଣ କ୍ଷତି ହଉଚି ଯେ।

ବାବୁ- ଯାଉ? କାହିଁ ଯିବ ନି? ଯିବ? ଯାଇକରି ଶିଖି ଆସିବ ଦୁନିଆର ସବୁଯାକ ବଦମାସୀ। ଆରେ ତୋର ଅସୁବିଧା ହଉଚି କଣ ଏଠି?

ନିମା- ବାବୁ ମୁଁ କଣ କହୁଚି ମୋର ଅସୁବିଧା ହଉଚି ବୋଲି।

ବାବୁ- ତେବେ ସଭାକୁ ଯିବୁ କାଇଁକି? ଏଠ ଦେଖୁଚ ଗୋଟିପରି ସୁନା। ସଭାକୁ ଯାଅ ଦେଖିବ, ନିମା ଆମର ଗୋଟାଏ ବଡ଼ ବକ୍ତା ପାଲଟି ଯାଇଥିଲେ। ସେଠି ବାହାରିବ କେତେକଥା। ବାବୁ ଆଜି ମତେ ସଭାକୁ ଛାଡୁନଥିଲେ ,ବାବୁଆଣୀ ଯା କହିଲେ- ଚାକରଙ୍କ ପ୍ରତି ବାବୁଙ୍କର ବ୍ୟବହାର ନିହାତି ଖରାପ। ଆମେ ଯା କାହିଁକି ସହିବା। ଚାଲ ଧର୍ମଘଟ କରିବା, ଚାଲ ବାବୁଙ୍କ ବିରୁଦ୍ଧରେ ଲଢ଼େଇ କରିବା।–ସେଠି ଦେଖିବ କଣ? ସୃଷ୍ଟି ଯାକର ସମାଚାର ଆସି ପଡ଼ିବ। ସମସ୍ତେ ଗୋଟାଏ ଲେଖା ଯୋଦ୍ଧା ହୋଇଯିବେ।ସମସ୍ତେ ଗୋଟାଏ ଲେଖା ବୀର, ଆଉ ସେଠୁ ଶିଖି ଆସିବେ ସବୁଯାକ ଚୋରି; ବଦମାସୀ ଜୁଆଚୋରି। ଆଜି ଧର୍ମଘଟ ତ କାଲି ଆଉ କଣ। ନାଇଁ ତ ଯାଇପାରିବୁ ନାହିଁ।

ନିମା- ବାବୁ, କାମ ଖଇଚା କଲେ ସିନା ମତେ କହିବେ।

ବାବୁ- କାମ ଖଇଚା କଲେ? ଯା, ଯିବୁ ଯଦି ଆଉ ଏଣେ ଫେରିବୁ ନାହିଁ ।

ମା- କାମ ଖଇଚା ହଉନାହିଁ ଯେ ତୁ ଆସି ଖଇଚା କରିବୁ?

ବାବୁ- ଏଣିକି ବଦମାସୀ ଆରମ୍ଭ ହେଲାଣି। ଦିହରେ ଭାତ ଲାଗିଲାଣି ଯେ ନ ମାତିଲେ ଝଡ଼ିବ କେମିତି? ଏଣିକି କେତେ ଗୁଣ ବାହାରିବ ନା। ନୂଆ ନୂଆ ଯେତେବେଳେ ଆସିଲା, ଯେତେବେଳେ କିମିତି ଶୁଆଟି ପରି ଯାହା କହିବ ସେଇଆ; ଏଣିକି ଟିକିଏ ଚେରେଇ ଗଲାଣି ନାଁ। ଚାକର କୁକୁର ଜାତି, ଟିକିଏ ଆଶ୍ବାସନା ଦେଲେ ମୁଣ୍ଡରେ ଚଢ଼ନ୍ତି। ଆଉ କୋଉଠି ଥିଲେ ତିନି ଓଳିରେ ପେଜପଖାଳ ଗଣ୍ଡେ ମିଳୁନଥାନ୍ତା। ଏଠି ଆସି ଚାରି ବକତ ହାଣିଲାରୁ, ଭଲ ଖାଇ ଭଲ ପିନ୍ଧିଲାରୁ ସଉକି ବାହାରୁଚି। ସଭାକୁ ଯିବେ, କାଲି ଦାର୍ଜିଲିଂ ବୁଲିଯିବେ, ପଅରଦିନକୁ କହିବେ ବଜାର ସଉଦା ପାଇଁ ଖଣ୍ଡେ ମଟର ନ ଦେଲେ ଆମେ ବଜାରକୁ ଚାଲିକରି ଯିବୁନାଇଁ। ଦେଖ, ଦେଖ, ମୁଣ୍ଡରେ ପାଏ ତେଲ ଢାଳି କିମିତି ସଖିଳ ଫିରେଇ କଟା ହେଉଚି। ବଦମାସୀ, ସୁଦ୍ଧୁ ବଦମାସୀ-

*ନାଟକ*

# ଜଉଘର

କବି ରଘୁନାଥ ଦାସ

ନିମା- ବାବୁ, କଥାନାଇଁ ମିଛରେ ଗୁଡ଼ାଏ ଖାଲି ଗାଳି ଦେଉଛନ୍ତି।

ବାବୁ- ମିଛରେ? ତୋର ତ ଭାରି ଦିମାକ୍ ହେଲାଣି ରେ। ଭାରି ମୁହଁ ବଢ଼ିଗଲାଣି, କଥା କଥାକେ ଜବାବ୍। କଣ କହିଲୁରେ ବଦମାସ-।

ନିମା- ବାବୁ, ମୁଁ କଣ କହୁଚି? ଆପଣତ ଖାଲି ଗୁଡ଼ାଏ ଗାଳି ଦେଉଛନ୍ତି।

ବାବୁ- ପେର୍, ଫେର୍ ଜବାବ ଦେଲା- ବସେଇବି ଚଟି ଯେ କଥା କହି ଶିଖୁଚି।

ନିମା- ଇମିତି ତୁଚ୍ଛାଟାକୁ ମୁହଁ ଖରାପ କରୁଚନ୍ତି କାଇଁକି ବାବୁ?

ବାବୁ- (ଉଠିଯାଇ) କଣ କହିଲୁ ବେ ବଦମାସ୍। ବଦମାସି ନିକାଳୁଚି! ଦେଖିବୁ ଏଇକ୍ଷଣି? ଦେଖିବୁ?

ନିମା- (କାନ୍ଦୁଣୁ ମାନ୍ଦୁଣୁ ହୋଇ) ବାବୁ, ମୋ ପଇସା ଛିଣ୍ଡେଇ ଦିଅନ୍ତୁ, ମୁଁ ଚାଲିଯିବି, ମୁଁ ଏମିତି ଗାଳି ଫଜିତ ଶୁଣି ପାରିବିନାଇଁ-

ବାବୁ- ପଇସା ନା ଘୋଡ଼ାଡିମ୍ବ ନବୁ- ଯା, ଅଦାଲତରେ ନାଲିସ୍ କରିବୁ।

ନିମା- ହକ୍ ମୋର ଦି ମାସର ଦରମା ଅଛି, କାଇଁ ଦେବେ ନାଇଁ ନାଁ।

ବାବୁ- ପଇସା ଫଇସା ମୁଁ ଜାଣେନାହଁ-ଯା, କାହାପାଖେ ମକଦ୍ଦମା କରିବୁ ଯା- ଯାଉନୁ ସଭାରେ ଗୁହାରି କରିବୁ-ଯା ଯା ସଭା କରିବୁ-

ନିମା- ବାବୁ ମୋ ପଇସା ଦେବେନାହିଁ?

ବାବୁ- ନିକଲ୍ ଏ ଘରୁ ଆଗ-ଯା, ବାହାର-

ନିମା- ଗରିବର ଦି ଚାରିଟା ଟଙ୍କା ଖାଇ ଯଦି ବାବୁ ବଡ଼ଲୋକ ହେବେ, ହୁଅନ୍ତୁ ।

ବାବୁ- ଯାବେ ନିକଲ, ବାହାର ତୁ- ଯା,ଯା, (ଚାକର ଚାଲିଗଲା, ବାବୁ ତାଙ୍କର ଆଗ ଜାଗାରେ ଆସି ବସିଲେ, ମା ସେହିପରି ବସିଥାନ୍ତି, ଝିଅ କାଠ ପିତୁଳାଟି ପରି ଆଖି ଆଗରେ ଏ ଘଟଣା ସବୁ ଦେଖୁଥାଏ, ବାବୁ କିଛି ସମୟ ପରେ ତାଙ୍କର ମୌନାବତାରର ଭଙ୍ଗ କରି କହିଲେ) କଣ ଏ ଯୁଗରେ ଚାକର ରଖିବ କହିଲ? ମୁଁ କଣ ଟିକିଏ କହିଲି କି ନାହିଁ,

# ଜଉଘର

କବି ରଘୁନାଥ ଦାସ

ତାର ସେଥିରେ ଅପମାନ ହୋଇଗଲା-ସାଙ୍ଗେ ସାଙ୍ଗେ ଉତ୍ତର-ସାଙ୍ଗେ ସାଙ୍ଗେ ଦରମା ଦବଟି ମୁଁ ଯିବି-

ମା- ଏଣିକି କାଳ ହେଲାଣି ଯେ ଚାକର ବାକରଙ୍କୁ ଡରିକରି ଚଳିବାକୁ ହବ। ଗଙ୍ଗା ବୋଲି କହିଲେ ଥେବି, ଗାଙ୍ଗୀ ବୋଇଲେ ଯିବି।

ବାବୁ- ହଁ, ସେଇୟାତ ଏଇ ଆଖି ଆଗରେ ଦେଖିଲ-କହିବ ଆଉ କାହାକୁ?

ମା- ନାଇଁମ-ସେତ ଆସିବାବେଳେ କେଡ଼େ ମାନିବାର ହେଇଥେଲା, ଏଣିକି ତତେ କାଇଁକି ଇମିତି ହେଲା (ତାପରେ ଟିକିଏ ଚୁପ୍ ରହି ଫେର୍ ଆରମ୍ଭ କଲେ) ସେ ହବ ନାଇଁ? ବଶ୍ଯମ୍ବର ତ କହିବ, ଚାକରଙ୍କୁ ପଦେ କିଛି କହିବ ନାଇଁ କେହି, ତାକୁ ଗାଳି ପଜିତ୍ କରିବ ନାଇଁ- ତାଙ୍କର କୋଉଠି ଟିକିଏ ଅସୁବିଧା ଦେଖିଲେ ସେ ତ ମୋ ଉପରେ ଯୋଉଁ ରାଗୁଚି କହିବାର ନାଇଁ। ଏ ଟୋକାଟା ବି ତା ଭାଇ ବୁଦ୍ଧିରେ ପଡ଼ିଲାଣି, ସବୁବେଳେ ଚାକରବାକରଙ୍କ ପକ୍ଷନେଇ ଚାଲିଚି, ତା ଆଖିକି ଚାକର ବାକର ଗୋଟିଏ ଗୋଟିଏ ଦିଅଁ।

ବନ- ବୋଉ, ତୋ କଥାର ମାନେ ମୁଁ ବୁଝିପାରୁନାହିଁ। ତୁ ଚାକର ବାକରଙ୍କୁ ଯୋଉ ବୃଥାରେ ଗାଳି ଦଉ, ମୁଁ ସେଥିର ପ୍ରତିବାଦ କଲେ ସେଇଟା ମୋର ହେଲା ଦୋଷ!

ମା- ହଁ, ମୁଁ ଯାହାସବୁ କହେ ସବୁ ତ ବୃଥାରେ। ତମେ ତାଙ୍କୁ ଯୋଉ ଗେଲବସର କରିଥେଲ, ତାରି ଫଳ ଏବେ ପାଅ।–

ବନ- ନିମା ମୋ ପାଇଁ କି ଭାଇଙ୍କ ପାଇଁ ସେ ଯାଇନାହିଁ-ଯାଇଚି ତୋରି ପାଇଁ। ମୋ ପାଇଁ ଯାଇଥିଲେ ମୋ ସଙ୍ଗରେ ଝଗଡ଼ା ଲଗେଇ ଯାଇଥାନ୍ତା।

(ଆଉ କଣ ସେ କହି ଆସୁଥିଲା, ଏହି ସମୟରେ )

ବାବୁ- ବ, ବ, ଯହୁଁ ଯହୁଁ ବଡ଼ ହଉଚ, ତହୁଁ ତହୁଁ ବୁଦ୍ଧି ବାହାରୁଚି- (ସମସ୍ତେ ନୀରବ)

(ଏହି ସମୟରେ ବାହାରୁ ଦାଣ୍ଡଦୁଆରେ ଠକ୍ ଠକ୍ ଶବ୍ଦ ହେଲା)

ବାବୁ- କିଏ ସେ-

(ଦାଣ୍ଡ ଦୁଆରେ ପାଟି ଆସ୍ତେ ଆସ୍ତେ ବଡ଼ ହଉଚି 'ନିମା-ନିମା-ଏ ନିମା)



www.jatayu.org

# ଜଉଘର

କବି ରଘୁନାଥ ଦାସ

(ସେଣୁ ଉତ୍ତର ଆସିଲା –'ବିପ୍ରବାବୁ')

ହଁ,ହଁ,-

ବନ ଯିବୁଟି ବିପ୍ରବାବୁ ଆସିଛନ୍ତି, କବାଟଟା ଫିଟେଇ ଦବୁ

(ବନ ଚାଲିଗଲା-କବାଟ ଫିଟେଇବାର ଶବ୍ଦ- "କି ମହେନ୍ଦ୍ରବାବୁ, କଣ ହଉଚି?" ଏ ପଦକ ମଧ ଶୁଣାଗଲା –ଜଣେ ଘର ଭିତରକୁ ଆସୁଚି ସେ ଶବ୍ଦ ମଧ, ଏଣେ ବାବୁ ସେହି ଘର କବାଟ ପାଖକୁ ଉଠି ଚୌକି ଛାଡ଼ି ଠିଆ ହେଲେ, ଟିକିଏ କରେଇ କରି ବିପ୍ରବାବୁ ଆସିଲେ, ପଛରେ ବନ। ନମସ୍କାରର ଆଦାନପ୍ରଦାନ)

ମହେନ୍ଦ୍ରବାବୁ- ଆସନ୍ତୁ, ଆସନ୍ତୁ-ଅନେକ ଦିନୁ ତ ଆପଣ କାଇଁ ଇୟାଡ଼େ ଆସୁନାହାନ୍ତି?

(ବିପ୍ରବାବୁ ବସିଲେ;ମହେନ୍ଦ୍ରବାବୁ ବି ବସିଲେ)

ବିପ୍ରବାବୁ- କଣ ଆଉ ଖବର?

ମହେନ୍ଦ୍ରବାବୁ- ଖବର ଆଉ କଣ-

ବିପ୍ରବାବୁ- ସବୁ ଭଲ ତ?

ମହେନ୍ଦ୍ରବାବୁ- ହଁ, ଏକପ୍ରକାର ।

(ଟିକିଏ ନୀରବତା)

ବନ , ପାନ ଫାନ ଆଣମ- (ବନ ଚାଲିଗଲା)

ବିପ୍ରବାବୁ- ନିମା ଯାଇଛି କୁଆଡ଼େ କି-?

ମହେନ୍ଦ୍ରବାବୁ- ଛାଡ଼ନ୍ତୁ ସେ କଥା। ଚାକର ତ ଆଜିକାଲି ଗୋଟାଏ ଗୋଟାଏ ନବାବ ହେଲେଣି-ତାଙ୍କୁ ଡରି ଡରି ମଣିଷ ମରୁଚି। ସେତା ଆଜି ଝୁଙ୍କ ଛଡ଼େଇଦେଲା- ଗୋଟାଏ କଣ ସଭା ହଉଛି କୋଉଠି, ସେଠିକି ଯିବାକୁ-ତାକୁ ମନା କଲାରୁ 'ବାବୁ 'ମୁଁ ଏଠି ରହିପାରିଲେ ନାହିଁ- ମୋ ଦରମା ଦବଟି ମୁଁ ଯିବି, ଗଣ୍ଡିଲା ପୁଟୁଳି ବାନ୍ଧି ଭାଗିସ୍- ଏଥିରେ ମଣିଷ କଣ କରିବ କହିଲ? ଏଡ଼ିକି ବଦମାସ।



www.jataayu.org

# ଜଉଘର

କବି ରଘୁନାଥ ଦାସ

ବିପ୍ରବାବୁ- ଦିଅନ୍ତୁ, ଥଣ୍ଡା ବନେଇ ଦିଅନ୍ତୁ, ଚୋରିରେ ପୋଲିସ ଇତାଲା କରି ଦିଅନ୍ତୁ- ବୁଦ୍ଧି ଶିଖିଯିବ।

ମହେନ୍ଦ୍ରବାବୁ- ମୁଁ ତ ସେଇୟା ଭାବୁଥିଲି।

ବିପ୍ରବାବୁ-ବିଶ୍ବମ୍ଭର ଫେରିଲାଣି?

ମା- ନାଇଁ ତ, ଚାରିଟା ବେଳୁ ଗଣ୍ଡେ ଖାଇଲେ କୁଆଡ଼େ ଯାଇଚି ଯେ ଏତେବେଳେ ଯାଏଁ-ତାର କଣ ଆଜିକାଲି ଘରେ ଦେଖା ମିଳୁଚି?

ବିପ୍ରବାବୁ- ହେଃ, ସେ ତ କଣ ପୁରା ସାମ୍ୟବାଦୀ ନେତା ପାଲଟି ଗଲେଣି। ବଡ଼ ବଡ଼ ବକ୍ତୃତାମାନ ଝାଡ଼ି ଦେଉଛନ୍ତି।

ମହେନ୍ଦ୍ରବାବୁ- ମୁଁ ଆଉ ତାକୁ ପାରିବି ନାହିଁ, ଏବେ ସେ ଯାଇ ସାମ୍ୟବାଦୀ ଦଳରେ ମିଶିଗଲାଣି ଟି? ଏଥିରେ ମଣିଷ କଣ କରିବ କହିଲ? ମୁଁ ଚେଷ୍ଟା କରୁଛି କିମିତି ସେ ଏମ୍.ଏ.ଟା ପାଶ୍ କରି ସାରିଲେ, ତାକୁ ଗୋଟାଏ ସରକାରୀ ଚାକିରିରେ ଢୁକାଇ ଦେବି- ସେ ଯାଇ ଦେଖିଲା ବେଳକୁ ସାମ୍ୟବାଦୀ-

ବିପ୍ରବାବୁ- ହଁ, ସେତ ଏଣିକି ପୁରା ନେତା ବନିଗଲାଣି। ଏପରିକି ପ୍ରଫେସରଙ୍କ ସାଙ୍ଗରେ ପଦ ପଦକେ ଗଣ୍ଡଗୋଳ- ପ୍ରିନ୍ସିପାଲଙ୍କ ଆଦେଶର ପ୍ରତିବାଦ-ପିଲାଙ୍କୁ ମତେଇବା-ବକ୍ତୃତା ଦେବା-ଏଇ ହେଉଛି ତା କାମ। ସରକାରୀ ଚାକିରିଆଙ୍କ ପୁଅ, ବିଶେଷତଃ ଜଣେ ଡିପୁଟିଙ୍କ ପୁଅ, ଇମିତି ଗୁଡ଼ାଏ କରିବା, ଯାହା କହନ୍ତୁ ପଛେ ସୁନ୍ଦର ଦେଖାଯାଉନାହିଁ।

ମହେନ୍ଦ୍ରବାବୁ- ପୁଅ ନୁହେଁ, ସେ କୁଳାଙ୍ଗାରଟାଏ ଜନ୍ମ ହୋଇଛି।

ବିପ୍ରବାବୁ- ଆଜିକା କଥା ଜାଣନ୍ତି ନା- ଆଜି ଟାଉନ୍‌ହଲ୍‌ରେ ଗୋଟାଏ ସଭା ହେଉଥିଲା, ବାପତ 'ଭାରତ ଓ ସାମ୍ୟବାଦୀ'ବିଷୟରେ କହିଲେ, ତା ପରେ ଆମ ବିଶ୍ବମ୍ଭର ଉଠିଲେ-ମୋ ବାପରେ, ହାତକୁ ହଲେଇ, ମୁଣ୍ଡକୁ ଝୁଙ୍କେଇ ଏକ ଲମ୍ବା ବକ୍ତୃତା;ବହୁତ ରାଜଦ୍ରୋହ ମୂଳକ କଥା ବି ଥିଲା, C.I.D ଟିପିଥିବ ନିଶ୍ଚୟ! ମୁଁ ଭାବୁଚି ଏଥର ପ୍ରିନ୍ସିପାଲ୍ କିଛି ଗୁରୁତର ଦଣ୍ଡ ବିଧାନ କରିପାରନ୍ତି,ଜୋରିମାନା ବି କରିପାରନ୍ତି। ଆପଣ ଟିକିଏ ସାବଧାନ ହୁଅନ୍ତୁ, ନଚେତ୍ କୋଉଦିନ ଦେଖିବେ,ସେ ଜେଲ୍ ଯାଉଚି।

ମହେନ୍ଦ୍ରବାବୁ- ସେ ଜେଲ୍ ଯାଉ,ମରୁ, ସଢୁ, ମୋର ଯାଏ କେତେ। ଆସୁ ଆଜି ସେ, ଥଣ୍ଡା କରି ଦେଉଚି। ବିପ୍ରବାବୁ ସତ କହୁଚି, ତାର ଇମିତି ବ୍ୟବହାର ଯୋଗୁଁ ମୁଁ ବାବୁ ଭାୟାଙ୍କ ଆଗରେ ମୁଣ୍ଡଟେକି ଚାଲିପାରୁନାହିଁ। କାଲି ପୁଲିସ ସାହେବ

www.jatayu.org

*ନାଟକ*

# ଜଉଘର

*କବି ରଘୁନାଥ ଦାସ*

ସେଇୟା କହୁଥିଲେ, କଣ କହିବି, ସେ ଟୋକାଯଶ ଯୋଗୁଁ ମୋ ଚାକିରିରେ ବଦମାସୀ ହେବା କୋଉଠୁ ଗୋଟାଏ ଘୋଡ଼ାମୁହାଁଟାଏ ଜନ୍ମ ହେଲା-

ମା- (ଭୀଷଣ ଅପମାନିତା-ଦଳିତା ଫଣିନୀ-କିନ୍ତୁ ବିପ୍ରବାବୁ ଯେ ଅଛନ୍ତି, ସେହି ଗାରିଡ଼ିର ଭୟ। କାନ୍ଦ କାନ୍ଦ ହୋଇ)

ମହେନ୍ଦ୍ରବାବୁ- ଆସୁ ସେ ଆଜି- ଦେଖି ଦଉଚି ତାକୁ, କିଛି ନ କହିଲାରୁ ଗୁଣ ବିକାଶୁଛି।

ବିପ୍ରବାବୁ- ମୁଁ ତାକୁ ବୁଝେଇ କହିଲି, ବାବା, ରାଜନୀତିରେ ପଶନାହିଁ-ବୃଥାରେ ଜୀବନଟା ନଷ୍ଟ ହୋଇଯିବ- ପାଠପଢ଼ା ମାଟି ହୋଇଯିବ- ଯଦିବା ମିଶିବ, ତେବେ ପାଠପଢ଼ା ସାରି। ୟା ଭିତରେ ଇମିତି କୁଦିନାଚି ଖାଲି ପାଠପଢ଼ା ଖଇଚା କରିବା ଛଡ଼ା ଆଉ କିଛି ନାହିଁ। ସେ କାହିଁ ଆମ କଥାକୁ କାନେଇବ। ହେଃ, କି ବୁଦ୍ଧି ୟା ନାଁ? ତାଙ୍କ ରାଜନୀତିର ପ୍ରଧାନ କ୍ଷେତ୍ର ହୋଇଛି ସ୍କୁଲ କଲେଜ; ସେଇଠି ସମ୍ରାଜ୍ୟବାଦ, ସାମ୍ୟବାଦ ସବୁ ପ୍ରକାଶ ପାଉଛି। ସେଇଠି ଧର୍ମଘଟ, ସତ୍ୟାଗ୍ରହ,ଆଉ ଯେତେ ଯେତେ ଯାହା- କିମିତି ଗୋଟାଏ କଦର୍ଯ୍ୟ ବାୟୁମଣ୍ଡଳ ସୃଷ୍ଟି ହୋଇଛି-ଛିଃ। କଥା କଥାକେ ପ୍ରତିବାଦ, ଧର୍ମଘଟ-ଶୃଙ୍ଖଳା ନାହିଁ-ଶିଷ୍ଟତା ନାହିଁ। ଗୋଟାଏ କଥା କହିଲେ ବୁଝିବେ ନାହିଁ-ଏଥିରେ ପାଠ ହବ କଣ?

ମହେନ୍ଦ୍ରବାବୁ- ଆଉ କଣ କରିବି ବୁଦ୍ଧି ଦିଶୁନାହିଁ। ତାକୁ ବାରମ୍ବାର ମନାକଲି, -ସେ ସବୁ ଗୁଡ଼ାକରେ ପଶ ନାହିଁ। ମୋତେ ଯେତେ ମାଠିବୁ ମାଠ ମୁଁ ସେହି ଦରପୋଡ଼ା କାଠ;ଯିଏ ମନା ଘିନିବ ନାହିଁ ତାକୁ ଆଉ କଣ କରିବ କିଏ?

ବିପ୍ରବାବୁ- ହଁ, ଭୁଲିଯାଉଚି ତ। କାଲି ସିଏ ଫେର୍ ଗୋଟାଏ ସଭାର ସଭାପତି ହେଉଛନ୍ତି। କାଲି ଗୋପାଳଜୀ ମଠରେ-

ମହେନ୍ଦ୍ରବାବୁ- ଚାକରଙ୍କ ସଭା ନା ? ହେଃ ଏଣେ ପଛେ ନିଜ ଘରେ ଚାକରଙ୍କ ଆତ୍ୟାଚାର କହିବାର ନାହିଁ, ସେଣେ ପୁଅ ଆମର ଚାକରଙ୍କ ସଭା କରି ତାଙ୍କୁ ମତଉ ଥାଆନ୍ତୁ। ଲାଜ ମାଡୁନାହିଁ ତାକୁ।

ମା- ଚାକରଗୁଡ଼ାକ କାହିଁକି ଇମିତି ଅବୋଲକରା ହଉଛନ୍ତି କି-ଖାଲି ତାରି ଯୋଗୁଁ। ଚାକରଙ୍କ ଆଗରେ ତ ତାକୁ ବାପ ମା ବି ଦିଶିବେ ନାହଁ।

ମହେନ୍ଦ୍ରବାବୁ- ରହିଥା ଆଜି ଆସୁ, ତା ଚାକର ସୁଆଗ ବାହାର କରି ଦେଉଛି-ତା ବକ୍ତୃତା ଦେବା ଛଡ଼େଇ ଦଉଛି।

(ଏହି ସମୟରେ- ସମୟ ସନ୍ଧ୍ୟା ସାଢ଼େ ଛଅଟା- ବନ ଜଳଖିଆ ପ୍ଲେଟ୍ ଓ ପାଣି ଗିଲାସ ଆଣିଲା- ପ୍ରଫେସର ମନା କରୁଥାନ୍ତି ପରଦା ପତନ)

## ଦ୍ବିତୀୟ ଅଙ୍କ



www.jatayu.org




*ନାଟକ*

# ଜଉଘର

*କବି ରଘୁନାଥ ଦାସ*

(ଘିରରର୍-ଟିଂ-ଟିଂ-ଟିଂ –ପରଦା ଉଠିଲା- ଟିଂ – ଟିଂ - ଟିଂ - ଟକ୍...ଟକ୍...ଟକ୍...ଟକ୍...ସାମନାରେ କାନ୍ଥଘଣ୍ଟାରେ ପେଣ୍ଡୁଲମ୍‌ଟା ଦୋଳି ଖେଳି ଚାଲିଛି...ଗୋଲାପି ରଙ୍ଗର ବିଜୁଳି ଆଲୁଅ ଘର ଗୋଟାକୁ ଉଛୁଳେଇ ପକାଉଛି। ଘରର କାନ୍ଥକୁ ଅନାଇଲେ ଜଣାପଡୁଛି ଯେ ଅଳ୍ପ ଦିନ ହେଲା ସେଥିରେ ନେଳିଆ ରଙ୍ଗ ଦିଆଯାଇଛି...

ମଧ୍ୟ ଭଳିଆ ଆକୃତିର ଘରଟିଏ। ଚୌକି ପାଞ୍ଚ ଛ'ରୁ କମି ନୁହେଁ । ବଡ଼ସାନ ଟେବୁଲ୍ ଦୁଇ ତିନିଟି; ଖଣ୍ଡେ ଦୁଇଖଣ୍ଡ ଖବରକାଗଜ ଓ ମାସିକ ପତ୍ରିକା ବି ତା ଉପରେ ଥୁଆ ଗୋଟାଏ କରକୁ ଚାରିଫୁଟିଆ ଗୋଟାଏ ଆଲମାରି...କାଚଦିଆ, କେତେ ଖଣ୍ଡ ବହି ତା ଭିତରେ ଖୁନ୍ଦାଖୁନ୍ଦି ହୋଇ ଦ୍ବିତୀୟ ଅନ୍ଧକୂପ ହତ୍ୟାକାଣ୍ଡ ସୃଷ୍ଟି କରୁଛନ୍ତି।

ବୈଠକଖାନା?...ବୋଧହୁଏ ସେୟା। କାନ୍ଥରେ କେତେ ଗୁଡ଼ାଏ ଚିତ୍ର-ଭଲ ବନ୍ଧାଇ; ଆଉ କେତେଗୁଡ଼ାଏ ନୀତିବାକ୍ୟ-ଚିତ୍ର ଭିତରୁ କେତେଟା ପ୍ରାକୃତିକ ଦୃଶ୍ୟ-ଆଉ ଅଧିକାଂଶ ମାମୁଲି ଧରଣର, ନୀତିବାକ୍ୟ ଗୁଡ଼ାକ ବି ମଧ୍ୟଯୁଗର,କେବଳ ସାମନା କାନ୍ଥରେ ବନ୍ଦିନୀ ଭାରତମାତାର ଚିତ୍ର ଓ ତାର ପାଦ ଦେଶରେ 'ବନ୍ଦେମାତରଂ'ଲେଖା ହୋଇଥିବା ଦୁଇଟି ବନ୍ଧାଇ, ଖୁବ୍ ସୁନ୍ଦର ଓ ଚିତ୍ତାକର୍ଷକ।

ଗୋଟାଏ କ୍ୟାଲେଣ୍ଡର ମଧ- ଆଲମାରି ପାଖକୁ ଗୋଟାଏ ରେଡ଼ିଓ ସେଟ୍; ତା ସାମନାରେ ଚୌକି ଖଣ୍ଡେ- ବନ ସେଥିରେ ବସିଛି।

ନିଶ୍ଚୟ ମହେନ୍ଦ୍ରବାବୁଙ୍କର ଘର- ରେଡ଼ିଓରୁ ଜଣେ ଗୋଟାଏ ଗୀତ ଶୁଣାଯାଉଛି, ଖୁବ୍ ସ୍ପଷ୍ଟ ନୁହେଁ, ବନ ସେଇଠି ଖଣ୍ଡେ ଖବରକାଗଜ ଦେଖୁଛି।

ଏହି ସମୟରେ ଜଣେ ଯୁବକ ସେହି କୋଠରୀରେ ପ୍ରବେଶ କଲେ-ବର୍ଷ ବାଇଶ୍ ତେଇଶ୍ ହେବ, ଧୋତି ଓ ପଞ୍ଜାବୀ ସବୁ ଖଦଡ଼ର, ଗୋଡ଼ରେ କାବୁଲି ଚଟି, କେଶ ବିନ୍ୟାସରେ ବିଶେଷ ଯତ୍ନ ନଥିଲା ପରି ବୋଧ ହେଉଛି।

ମୁହଁରୁ ତାଙ୍କର ବେଶ୍ ଜଣାଯାଉଛି ଯେ ଟିକିଏ କ୍ଳାନ୍ତ ହୋଇପଡ଼ିଛନ୍ତି-କିନ୍ତୁ ଯେପରିକି ସେ ଶାରୀରିକ ଅବସାଦକୁ ପରାହତ କରି କେଉଁ ଏକ ନୂତନ ଦିବ୍ୟଭାବର ଆଲୋକ ତାଙ୍କ ମୁଖମଣ୍ଡଳରେ ଉଦ୍‌ଭାସିତ।

(ଯୁବକ ଘରର ସାମନା ଦରଜା ବାଟେ ପ୍ରବେଶ କରି ଅନ୍ୟ ଦରଜା ବାଟେ ଚାଲି ଯିବାକୁ ବସିଛନ୍ତି,ଏହି ସମୟରେ-)

ବନ- ଭାଇ ଶୁଣ, ଶୁଣ- ଭାରି ବ୍ୟସ୍ତ ଦେଖାଯାଉଛ।

*ନାଟକ*

# ଜଉଘର

କବି ରଘୁନାଥ ଦାସ

ବିଶ୍ବମ୍ଭର- ଗୋଟାଏ ସଭାକୁ ଯାଇଥିଲି, ଏଇ ଫେରୁଛି।

ବନ- ସଭାଫଭା ଯାଉଥା ସେ- ବାପା ଭାରି ଚିଡ଼ିଛନ୍ତି। ବିପ୍ରବାବୁ ପ୍ରଫେସର ଆସିଛନ୍ତି, ସେ ବାପାଙ୍କ ଆଗରେ କହିଲେ ତମେ ଇମିତି ନେତା ବନିଛ, ଆଜି କଣ ବିଦ୍ରୋହାତ୍ମକ ବକ୍ତୃତା ଦେଲ- ଆଉ କେତେ କଥା- ବାପା ତ ଚିଡ଼ି ନିଆଁବାଣ-

ବିଶ୍ବମ୍ଭର- ଓଃ, ଏଇତ କଥା-

ବନ- ହଁ, ଆଉ ଜାଣିଛ ନା, ନିମା ଆଜି ବାହାରି ଯାଇଛି।

ବିଶ୍ବମ୍ଭର- ହଁ, ବାଟରେ ମୋତେ ସେ କହୁଥିଲା। ସେ ସଭାକୁ ଯିବାକୁ କହିଲାରୁ ତାକୁ କାଳେ ବାପା ହେରିକା ଗାଳିଦେଲେ, ସେଇଥିପାଇଁ ତ?

ବନ- ହଁ ବୃଥାଟାରେ ମ, ଏଥିରେ ଚାକର ରହିବେ।

ବିଶ୍ବମ୍ଭର- ହଉ, ଟିକିଏ ଘରୁ ଆସେଁ- (ବିଶ୍ବମ୍ଭର ଘର ଭିତରକୁ ଚାଲିଗଲା। ବନ ଆସି ଫେର୍ ରେଡ଼ିଓ ପାଖରେ ବସି 'ବନ୍ଦେମାତରଂ' ଲେଖା ଆଡ଼କୁ ଅନାଇଛି- ଯେପରି ତାକୁ ଭାରି ପସନ୍ଦ କରୁଛି- ଏହି ବିପ୍ରବାବୁ ଓ ମହେନ୍ଦ୍ରବାବୁ ସେ ଘରକୁ ଆସିଲେ । ବନ ଉଠି ଠିଆ ହେଲା)

ବିପ୍ରବାବୁ- (ବନକୁ) ଆଃ, ବନପ୍ରିୟା;-ବ,ବ, ଉଠୁଛୁ କାହିଁକି, ବଜା,ବଜା, କୋଉଠା ସେଣ୍ଟର୍ ଦେଇଛୁ?(ଗୋଟାଏ ଚୌକି ମାଡ଼ି ବସିଲେ, ମହେନ୍ଦ୍ରବାବୁ ମଧ ଆସନ ଗ୍ରହଣ କଲେ)- ହଁ, ହଁ, କିଏ ବୋଲୁଚି?

ବନ- କଲିକତା, ଓଡ଼ିଆ ରେକର୍ଡ଼ ଅଛି।

ବିପ୍ରବାବୁ- ହଁ,ହଁ,ବନଟି ଭଲ ପିଲା - ଏଁ ଲୋ, ତୋ ନାଁ ବାଛି ଦେଇଥିଲି- ବନପ୍ରିୟା- ଏଁ (ଅଥଚ ଯେପରି ଶବ୍ଦଟି ଉଚ୍ଚାରଣ କଲେ ହନୁ ଖଟେଇହବା ଠାରୁ ଈଷତ୍ ପୃଥକ୍) ତୋ ମନକୁ କିମିତି ଲାଗୁଚି- ଭଲ ଲାଗୁଚି ତ, କଣ କହୁଚୁ ବନ?

ବନ- ଆଜ୍ଞା-

ବିପ୍ରବାବୁ- କେଜାଣି ତମେ ସବୁ ନୂଆଯୁଗର- ଏଣିକି ତ କେତେ ନୂଆ ନୂଆ ନାଁ ବାଛି କେତେ ଛଇରେ ଦଉଛନ୍ତି। ନାହିଁ, ବନ ଆମର ଭାରି ଭଲ ପିଲା- ତାକୁ ଦେଖିଲେ ମୋ ମନଟା କାହିଁକି ଭାରି ଖୁସି ହୁଏ-ବଡ଼ ସୁନ୍ଦର ବ୍ୟବହାର-ଏ ବିଶ୍ବମ୍ଭରଟା କାହିଁକି ଟିକିଏ ଚଗଲା ହୋଇଗଲା –ବେଶ୍ ତ ଥିଲା ବି.ଏ. ପର୍ଯ୍ୟନ୍ତ। ବି.ଏ.ରେ ଭଲ କରିଚି ଏ ଦିଟା ବର୍ଷ

www.jataayu.org

ନାଟକ

# ଜଉଘର

କବି ରଘୁନାଥ ଦାସ

ଭଲରେ ଟିକିଏ ପଢ଼ିଦେଲେ, ବେଶ୍ ଭଲ କରନ୍ତା-ଏ ଚଗଲା କେତେଟା ଟୋକାଙ୍କ ସାଙ୍ଗରେ ପଡ଼ି ସେ ତ ଚଗଲା ହୋଇ ଯାଉଛି। ତାଙ୍କରତ ପଢ଼ିବା ଉଦ୍ଦେଶ୍ୟ ନାହିଁ, କଲେଜରୁ ଆସିଛନ୍ତି ବଜାରିଗିରି ଶିଖିବାକୁ, ବଦମାସୀ କରିବାକୁ- ଗଣ୍ଡଗୋଳ କରିବେ, ଫାଜିଲାମି କରିବେ, ପାଠ ପଢ଼ିବେ ନାହିଁ, କଣ କହିବି, ଇମିତି ପିଲା ବି ଅଛନ୍ତି। ସେ ଶ୍ୟାମ ବୋଲି ଗୋଟାଏ ପିଲା ଅଛି- ପାଠ ଫାଠ ପଢ଼ିଲା ନାହିଁ-ମୁଁ କହିଲାରୁ ସେ ମୋତେ କହୁଚି- କଲେଜ ଜୀବନଟା ଯେ ତାହାହେଲେ ଚଞ୍ଚଳ ସରିଯିବ, ସାର୍। (ବ୍ୟଙ୍ଗର ହସ ଘରଟାକୁ ଉଛୁଳେଇ ଦେଲା) ବିଶ୍ବମ୍ଭରକୁ ଟିକିଏ ବାଗିଆ ବାଗି କରି ଦିଅନ୍ତୁ-ବୁଝେଇ ଦିଅନ୍ତୁ- ବୁଝିଯିବ ନାହିଁକି। ଏତେବେଳେ ସମୟ ଅଛି-ପଛକୁ ଅତିଶୟ ହୋଇଯିବ –ଆଉ ପାରି ହେବନାହିଁ। ବୃଥାରେ ଜାଣୁ ଜାଣୁ କାହିଁକି ନିଜ ଜୀବନଟାକୁ ମାଟି କରିବ ପ୍ରିନ୍ସିପାଲ୍ ମୋତେ ସେଇୟା କହୁଥିଲେ।

ମହେନ୍ଦ୍ରବାବୁ- (ଆଉ ସହିନପାରି ) ମୁଁ କଣ ତାକୁ ଆଜିଯାଏ ନ କହି ରଖିଛି? ସେ କଣ କହିବା କଥାରେ ରହୁଛି? ଆପଣ ବସନ୍ତୁ, ଆପଣଙ୍କ ଆଗରେ ତାକୁ ଆଜି ଶେଷଥର ପାଇଁ ଜଣାଇ ଦେଉଛି । ବନ, ବିଶ୍ବମ୍ଭର ଆସିଲାଣି ଘରକୁ?

ବନ- ହଁ, ଏଇକ୍ଷଣି ଆସିଲେ।

ମହେନ୍ଦ୍ରବାବୁ- ଯା, ଡାକି ଦବୁ- ଯା-

(ବନ ଉଠିବା ବେଳକୁ ବିପ୍ରବାବୁଙ୍କ ଆଖିରେ ସେ ବନ୍ଦେମାତରଂ ଫଟୋଟା ଉପରେ ପଡ଼ିଗଲା।)

ବିପ୍ରବାବୁ- ଏ-ଆପଣ ତ ବଡ଼ କଂଗ୍ରେସବାଲା ହୋଇଗଲେଣି।ଏ, ଦୁଆର ସାମନାରେ କଂଗ୍ରେସ ପତାକା ଆଉ ବନ୍ଦେମାତରଂ॥

(ମହେନ୍ଦ୍ରବାବୁ ଅନେଇଦେଲେ)

ମହେନ୍ଦ୍ରବାବୁ- (ଚିଡ଼ିଯାଇ) ଏକୁ ଲଗେଇଲା କିଏ? ବୁଦ୍ଧିତ ମାଡ଼ି ଯାଉଛି। ଦୂଆର ସାମନାରେ ଏଇୟା (ଦେଢ଼ଶୁରର ନାମ ସତେ ଯେପରି)ନ ମାରିଲେ ଆଉ ହବ କିମିତି, ସରକାରୀ ଚାକିରିଆଙ୍କ ଘର ବୋଲି ଜାଣିବେ କିପରି? କିଏ ମାରିଲା?

ବନ- ଭାଇ ମୋତେ କହିଲେ- ମୁଁ ମାରିଛି।

ମହେନ୍ଦ୍ରବାବୁ- ତୁ ତାରି ଶିକ୍ଷାରେ ପଡୁଥା। ତାର ତ ଦିନକୁ ଦିନ ଯହୁଁ ଯହୁଁ ବଡ଼ ହେଉଛି, ତହୁଁ ତହୁଁ ବୁଦ୍ଧି ବେଶି ହଉଚି, ବିବେକ ଉଛୁଳି ପଡୁଛି। ଯା ଜଲ୍‌ଦି ଡାକି ଦେ ଯା-

www.jataayu.org

# ଜଉଘର

କବି ରଘୁନାଥ ଦାସ

(ବନ ଚାଲିଗଲା)

ବିପ୍ରବାବୁ, ଭାଗ୍ୟ ଇୟା କରାଉଛି। ଗୋଟାଏ ବୋଲି ପୁଅ ସେଥିରେ ତାଙ୍କ ଗୁଣ ତ ଦେଖୁଛ। ବଂଶ ନାଶବେଳେ କୁଳାଙ୍ଗାର(ଏଥର ଘୋଡ଼ାମୁହାଁ କହିଲେ ନାହିଁ ଆଗଥର ଡରରେ )ପୁଅ ଜନ୍ମ ହୁଅନ୍ତି-ହତଲକ୍ଷ୍ମୀଟାଏ-ତା ଜନ୍ମ ହେବାଠୁ ମୋର ସବୁଯାକ ବିପଦ ଆସି ପହଞ୍ଚିଛି । ଏ ବନଟି ମୋର ଭାରି ଲକ୍ଷ୍ମୀମନ୍ତ। ତା ଜନମଠୁ ମୋର ବେଶ୍ ଉନ୍ନତି ହୋଇଛି।

ବିପ୍ରବାବୁ- ହଁ, ବନ ବାହାଘର କଥଣ କେତେ ଦୂରଗଲା?

ମହେନ୍ଦ୍ରବାବୁ- ବିନାୟକ ବାବୁଙ୍କର ଏଥିରେ ପୁରା ଇଛା ଅଛି। ପୁଅର ବି ମନ ଅଛି।

ବିପ୍ରବାବୁ- ତେବେ ଆଉ କଣ? ଶୁଭସ୍ୟ ଶୀଘ୍ରମ୍।

ମହେନ୍ଦ୍ରବାବୁ- ହଁ, ଆଜି ବିନାୟକବାବୁଙ୍କୁ ନିର୍ଭର ଜବାବ୍ ଦେଇଆସିଛି-ଏଇମାସ ତିନି ଭିତରେ କରେଇ ନବା ମୋ ଇଚ୍ଛା-ସେଣିକି ଭଗବାନଙ୍କ ବରାଦ।

ବିପ୍ରବାବୁ- ବେଶ୍ ବେଶ୍ ଭଲକଥା-ଇମିତି ଜ୍ବାଇଁ, ଇମିତି ଘର ଆଉ ପାଇବେ ନା? ଜୋଇଁ ତ ବେଶ୍ ଶିକ୍ଷିତ, ଯୋଗ୍ୟ, ସଚ୍ଚରିତ୍ର। ଘରର ତ ବେଶ୍ ଭଲ ନାଁ ଅଛି । ଏ ସୁଯୋଗ ଆପଣ ଯିମିତି ନ ଛାଡ଼ନ୍ତି। ତେବେ ବନର ମତାମତ କ'ଣ ?

ମହେନ୍ଦ୍ରବାବୁ- ତାର ମତାମତ କ'ଣ? ୟାଠୁ ଆଉ ସୁବିଧା ଥାନ ମିଳିବ ଯେ ତାର ମତାମତ ପଚାରିବି? କାହିଁ, ସେ କଣ ଦୁଃଖରେ ପଡୁଛିକି?

ବିପ୍ରବାବୁ- ହଁ , ତା ନୁହେଁ ଆଉ କ'ଣ ? ଏଠି ତାର ମତାମତ ନେବା ଯାହା, ନ ନେବା ବି ସେୟା। ଏଥିରେ ସେ ଅମତ ହବ କାହିଁକି ଯେ!(ଏହି ସମୟରେ ବିଶ୍ବମ୍ଭର ଆସିଯିବାରୁ ସେ ବିଷୟଟା ଠକ୍‌କରି ବନ୍ଦ ହୋଇଗଲା) (ବିଶ୍ବମ୍ଭରର ନମସ୍କାର)

ବିପ୍ରବାବୁ- ବିଶ୍ବମ୍ଭର , ଆସ, ଆସ,ବସ। ତମ ସାଙ୍କରେ ବହୁତ ଗୁଡ଼ାଏ କଥା ଅଛି।(ବିଶ୍ବମ୍ଭର ଗୋଟାଏ ଚେୟାର ମାଡ଼ି ବସିଲା। କଥାଟା ଆଗ ବିପ୍ରବାବୁ ଆରମ୍ଭ କରିବେ ନା ମହେନ୍ଦ୍ରବାବୁ ଆରମ୍ଭ କରିବେ ଏ ଗୋଟାଏ ସମସ୍ୟା ହୋଇ ଉଠିଲା-କିଛିକ୍ଷଣ ସମସ୍ତେ ନୀରବ)

ମହେନ୍ଦ୍ରବାବୁ- ବିଶ୍ବ, ବିପ୍ରବାବୁ କଣ କହୁଛନ୍ତି? ତୋର ଦିନକୁ ଦିନ ବୁଦ୍ଧି ମାଡ଼ି ଯାଉଛି। ତତେ ମୁଁ କେତେଥର ବାରଣ

www.jataayu.org

*ନାଟକ*

# ଜଉଘର

*କବି ରଘୁନାଥ ଦାସ*

କଲିଣି, ତୁ ଯେ ବଜାରି ପିଲାଙ୍କ ସାଙ୍ଗରେ ମିଶିନା। ତୁ ବୁଝିପାରୁନୁ ତୋର ସ୍ଥାନ କୋଉଠି- ଆଉ ତାଙ୍କର ସ୍ଥାନ; କୋଉଠି। ତୋର କାମ ପାଠ ପଢ଼ିବା-ତୋର ଏତେ ଆଡ଼େ ମୁଣ୍ଡ ଖେଳୁଛି କାହିଁକି?

ବିପ୍ରବାବୁ- ଆମେ କହୁଚୁକି କଣ ନା, ତମର ଏଇଟା ହେଲା ଛାତ୍ରଜୀବନ। ଛାତ୍ରର ପ୍ରଧାନ କର୍ତ୍ତବ୍ୟ ହେଉଛି ପାଠ ପଢ଼ିବା, ବୁଝିଲ, ଏ ସମୟରେ ରାଜନୀତିରେ ପଶିବା କୌଣସି ମତେ ଉଚିତ୍ ନୁହେଁ । ରାଜନୀତିରେ ପଶ, ନେତା ହୁଅ- ସେଥିପାଇଁ ତମକୁ କିଏ ମନା କରୁନାହିଁ –କିନ୍ତୁ ବର୍ତ୍ତମାନ ନୁହେଁ। ସେଥିପାଇଁ ସମୟ ପଳାଉ ନାହିଁ – ବେଶ୍, ପଢ଼ାପଢ଼ି କରିସାର, ସେଣିକି ତମ ମନଇଚ୍ଛା ବକ୍ତୃତା ଦିଅ-କଂଗ୍ରେସରେ ମିଶି ଦେଶସେବା କର କିଏ ମନାକରୁଛି? ବର୍ତ୍ତମାନ ଛାତ୍ରଜୀବନ, ବର୍ତ୍ତମାନ ଏଥିରେ ଗୋଡ଼ ସେଥିରେ ଗୋଡ଼ ଦେଇ ମଝିରେ ବୁଡ଼ି ମରିବା କଥା। ଏଣେ ପାଠ ପଢ଼ିବା ହେବନାହିଁ କି, ସେଣେ ଦେଶସେବା ବି ହେବନାହିଁ-ଗୋଟାଏ କିଛି କର- ହୁଏ ତ ପଢ଼ା ଛାଡ଼ି ଦେଶସେବା କର-ନୋହିଲେ ଏ ଦିଗରେ ମନ ନ ଦେଇ ପାଠ ପଢ଼ାପଢ଼ି କର।

ମହେନ୍ଦ୍ରବାବୁ- କଣ ବିଶୁ, ଶୁଣୁଚୁ ନା, ସେ ତାଙ୍କର କହି ଯାଆନ୍ତୁ , ଆଉ ତୁ ଯୋଉତା କୁ ସେଇତା-

ବିପ୍ରବାବୁ- ମୁଁ ତୁମକୁ କହି ଆସିଛି- ରାଜନୀତି ବଡ଼ ଜଟିଳ ବିଦ୍ୟା। ଛାତ୍ର ଅବସ୍ଥାରେ ସେଥିରେ ପ୍ରବେଶ କରିବା ଆଦୌ ଉଚିତ୍ ନୁହେଁ। ଦେଖ ଘଟଣା କିପରି ହେଉଛି, ଶିଖ- ଏ କଣ କହୁଛି, ସେ କଣ କହୁଛି ଜାଣ,ଶୁଣ ସବୁ କର କିନ୍ତୁ ପରୋକ୍ଷଭାବରେ । Passive, ଖାଲି Theory, ବୁଝିଲ ବିଶୁ, କେବଳ Theory Active Politics ବର୍ତ୍ତମାନ ତୁମ ପକ୍ଷରେ Suitable ନୁହେଁ।

ମହେନ୍ଦ୍ରବାବୁ- ତୋରି ଯୋଗୁଁ ମୁଁ କାହା ଆଗରେ ମୁଣ୍ଡ ଟେକି ଚାଲି ପାରୁନାହିଁ। ପିନ୍ସିପାଲ ସେ ଦିନ ମତେ ସେ ଦିନ ମତେ ସେଇ କଥା କହୁଥିଲେ। ଏଇ ତ ବିପ୍ରବାବୁ ଦେଖିଲୁ କଣ କହିଲେ।ପୁଲିସ ସାହେବ ମୋତେ ୟା ଭିତରେ ଦିଥର କହି ସାରିଲେଣି-ତାଙ୍କ ଆଗରେ ମୁଣ୍ଡଟେକି କହିବାକୁ ମୋତେ ଏଣିକି ଲାଜ ମାଡ଼ିଲାଣି।

ବିପ୍ରବାବୁ- ସେ ବି ଗୋଟାଏ କଥା- ବାପ ସରକାରୀ ଚାକିରିଆ-ତୁ ଫେର୍ ଗୋଟିଏ ବୋଲି ପୁଅ-ତୁ ସିନା ବୁଝିପାରୁନୁ,ସେ ତତେ କେତେ ଭଲ ପାଆନ୍ତି।ସେ ସବୁବେଳେ ତୋର ଭଲ ପାଇଁ ଧାଇଁଛନ୍ତି। ତୁ କେମିତି ଭଲ ଖାଇବୁ, ଭଲ ପିନ୍ଧିବୁ, ଭଲରେ ରହିବୁ, ତୋ ଭବିଷ୍ୟତ ଜୀବନ କିମିତି ଭଲ ହବ, ସେ ହେଉଛି ତାଙ୍କର ଦିନରାତି ଚିନ୍ତା। ଏମ୍.ଏ.ଟା ପାଶ୍ କଲେ ତାଙ୍କ ଇଚ୍ଛା ତତେ ବିଲାତ ପଠାନ୍ତେ ,ତାଙ୍କରି ଆଗରେ ତୁ ଚାକିରି ପାଆନ୍ତୁ । ତୋର ସୁଖ ସେ ଦେଖିକରି ଯାଆନ୍ତେ।

ମହେନ୍ଦ୍ରବାବୁ- ସେ କଣ ତା ଭାବୁଚି କି? ତା ମନକୁ ଯାହା ପାଉଛି, ସେ କରି ଯାଉଛି, ଆଗକୁ ପଛକୁ ନ ଚାହିଁ।

*ନାଟକ*

# ଜଉଘର

*କବି ରଘୁନାଥ ଦାସ*

ବିପ୍ରବାବୁ- ନାଁ ,ନାଁ, ହେଇଥାଏ ସେମିତି,ନୂଆ ଟୋକାଳିଆ କଥା ନାଁ। ହେଁ, ବିଶ୍ୱ, ଏତୁଟିମାନ ହେଲଣି ତମେ ଏକଥା ନ ବୁଝିଲେ ଫେର୍ ହବ କେମିତି? ଭାବିଚିନ୍ତି ଦେଖ, ନିଜର ଭବିଷ୍ୟତ କଥା ଚିନ୍ତା କର, ତା ହେଲେ ସିନା ହୁଏ। ଇମିତି ହୁଜୁକିରେ ମାତିଲେ କଣ ହେବ?

ବିଶ୍ୱମ୍ବର- ମହାଶୟ, ଆପଣ ଯାହା କହିଲେ ମୁଁ ତା ସବୁ ବୁଝିଲି। ଏ ସବୁ କଥା ବହୁତ ଦିନରୁ ବହୁତ ଲୋକ କହି ଆସିଲେଣି। ଆପଣ ଭାବୁଛନ୍ତି, ମୁଁ ଏ ବିଷୟରେ ଆଦୌ ନ ଭାବି ନ ଚିନ୍ତି ମନ ମୁତାବକ ଖିଆଲିଆଙ୍କ ପରି କାମ କରି ଯାଉଚି- କିନ୍ତୁ ପ୍ରକୃତରେ ତାହା ନୁହେଁ –ମୁଁ ଭାବିଛି- କିନ୍ତୁ ମୁଁ ଆପଣଙ୍କ ସାଙ୍ଗରେ ଏକମତ ହୋଇପାରୁନାହିଁ। ମୋ ମତରେ ଛାତ୍ରମାନେ ରାଜନୀତିରେ ପରୋକ୍ଷ ଭାବରେ ଯୋଗ ନ ଦେଇ ପ୍ରତ୍ୟକ୍ଷ ଭାବରେ ଯୋଗ ଦେବା ଉଚିତ୍, ବିଶେଷତଃ ଭାରତର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରୁ । ଆପଣଙ୍କ ମତରେ ଛାତ୍ରମାନେ ରାଜନୀତିରେ ଯୋଗ ଦେବା ଉଚିତ୍ ନୁହେଁ, ଛାତ୍ରଜୀବନ ପରେ ସେମାନେ ଯାହା ପାରନ୍ତି ତା କରିପାରନ୍ତି, କିନ୍ତୁ ଏହା ଏକପ୍ରକାର ପିଲା ଭୁଲାଣିଆ କଥା- ଏକପ୍ରକାର ଅସମ୍ଭବ ବ୍ୟାପାର-(ବୋଧହୁଏ ଟାଉନ୍‌ହଲ୍ ବକ୍ତୃତାର ସୁଅରେ)

ମହେନ୍ଦ୍ରବାବୁ- ତୁ କଣ ଏଠିକି ଆସିଚୁ ପ୍ରଫେସରଙ୍କ ଆଗରେ ବକ୍ତୃତା ଦେବାକୁ?

ବିଶ୍ୱମ୍ବର- ନା, ବକ୍ତୃତା ଦେବାକୁ ଆସିନାହିଁ। ଆପଣ ମତେ ଏଠିକି ଡାକିଥିଲେ, ବୁଝାଇବାକୁ। ବେଶ୍ , ଆପଣ କହିଲେ ଆପଣଙ୍କ ଯୁକ୍ତି ମୋ ମନକୁ ପାଇଲା ନାହିଁ, ମତଦ୍ୱୈଧ ହେଲା, ଯେ ପର୍ଯ୍ୟନ୍ତ ଆପଣ ଆପଣଙ୍କ କଥାର ସତ୍ୟତା ମୋତେ ଉପଲବ୍ଧି କରାଇ ନାହାନ୍ତି ସେ ପର୍ଯ୍ୟନ୍ତ ମୋର କହିବାର ଅଧିକାର ଅଛି। ମୁଁ ମୋର ଯୁକ୍ତି ଆପଣଙ୍କ ନିକଟରେ ଉପସ୍ଥାପନ କରୁଛି, ଯଦି କୋଉଠି ଭ୍ରମଥାଏ, ତେବେ ଆପଣ ତାହା ଦୂର କରିଦେଲେ, ମୁଁ ବୁଝିବି। ତା ନହେଲେ ମୁଁ କେବଳ ଶୁଣିବି, ବୁଝିବି ନାହିଁ-ମୋର ମନବୋଧ ହେବନାହିଁ କି ଆପଣଙ୍କର ମୋତେ ଏଠିକି ଡାକିବାର କିଛି ଅର୍ଥ ରହିବ ନାହିଁ।

ବିପ୍ରବାବୁ- ହଉ କହୁ କହୁ କଣ କହୁଛି। ମହେନ୍ଦ୍ରବାବୁ, ସେ କଣ କହୁଛି, କହୁ-

ବିଶ୍ୱମ୍ବର- ମୁଁ କହେ ଛାତ୍ରମାନେ ରାଜନୀତିରେ ବରାବର ଯୋଗଦିଅନ୍ତୁ, ଅବଶ୍ୟ ସବୁ କାର୍ଯ୍ୟ କଲା ବେଳେ ଯେପରି ଭାବିଚିନ୍ତି କରିବାକୁ ହୁଏ, ସେହିପରି ଭାବିଚିନ୍ତି; ଛାତ୍ର ଜୀବନ ସାରି ରାଜନୀତିରେ ଯୋଗ ଦେବା ପାଇଁ ଯେ ଉପଦେଶ,ସେଇଟା ଶିକ୍ଷକମାନଙ୍କର ଓ କର୍ତ୍ତୃପକ୍ଷର ଗୋଟାଏ ଫିସାଦି-ସେମାନେ ତାଙ୍କ ବାଟରୁ କଣ୍ଟାଟି ଦୂର କରିବାକୁ ଚାହାନ୍ତି-ଏହାଛଡ଼ା ଏପରି କଥାରେ ଅନ୍ୟ କୌଣସି ଅର୍ଥ ନାହିଁ। ଆପଣଙ୍କୁ ମାନିବାକୁ ହେବ ଯେ ରାଜନୀତି ଗୋଟାଏ ବିଦ୍ୟା, ଗୋଟାଏ କଳା,- ସେଦିଗରେ ଭଲ କରିବାକୁ ହେଲେ, ସେଥିପ୍ରତି ସ୍ପୃହା ମନରେ ସତେଜ କରି ରଖିବାକୁ ହେବ।

www.jatayu.org

*ନାଟକ*

# ଜଉଘର

କବି ରଘୁନାଥ ଦାସ

କେବଳ ଅବିଚଳିତ ଚିତ୍ତରେ ରାଜନୀତିର କେତେଟା ସୂତ୍ର ଓ ଘଟଣା ମନେ ରଖିଦେଲେ ହେବନାହିଁ। କବିତା ଲେଖିବାର ନିୟମାବଳୀ ଘୋଷି ଘୋଷି ଶୁଷ୍କ ହୃଦୟରେ କବିତା ଲେଖିବାକୁ ବସିଲେ ଯାହା ହୁଏ,ରାଜନୀତିର ସୂତ୍ର ମନେ ରଖି ରାଜନୀତିରେ ପଶିଲେ ତାଠାରୁ ଅଧିକ ହୁଏନାହିଁ । ସେଥିପାଇଁ ରୀତିମତ ଅଭ୍ୟାସ ଦରକାର ଆଉ ଅଭ୍ୟାସ ଠିକ୍ ଛାତ୍ର ଅବସ୍ଥାରୁ ହିଁ ଆରମ୍ଭ କରିବାର କଥା।

ବିପ୍ରବାବୁ- ଉହୁଁ, ଉହୁଁ-

ବିଶ୍ୱମ୍ଭର-(Inspired) ହଁ, ଆରମ୍ଭ କରିବାର କଥା-ଧରନ୍ତୁ ମୁଁ କେବଳ Theory ତକ ଜାଣିଲି, କୌଣସି ସଭା,ରାଜନୀତିକ ସମ୍ମିଳନୀରେ ଅବାଧ ଭାବରେ ଯୋଗ ଦେବାକୁ ସୁଯୋଗ ପାଇଲି ନାହିଁ, ଯୋଗଦେଲେ ବି ନିଜର ସ୍ୱାଧୀନ ମତବ୍ୟକ୍ତ କରି ପାରିବାକୁ ମନା। ଏପରିସ୍ଥଳେ ମୁଁ ଯେତେବେଳେ କଲେଜ ଛାଡ଼ିବି, ସେତେବେଳେ କେବଳ ଗୋଟିଏ ଗ୍ରନ୍ଥକୀଟ ବ୍ୟତୀତ ଅନ୍ୟ କିଛି ହୋଇନଥିବି। କଲେଜରେ ପଢ଼ିଲା ପର୍ଯ୍ୟନ୍ତ ମୁଁ ରାଜନୀତିର ଧାର ଧରିବି ନାହିଁ, ଅଥଚ ଯିମିତି କଲେଜ ହତା ଡେଇଁବି,ସାଙ୍ଗେ ସାଙ୍ଗେ ଗୋଟାଏ କୁହୁକ ବଳରେ ମୁଁ ଗୋଟାଏ ରାଜନୀତିଜ୍ଞ ହୋଇ ବାହାରିପଡ଼ିବି- ଏହା କଣ କେବେ ସମ୍ଭବ ହେଲାଣି? ଏହି ସମୟରୁ ସାଧାରଣ କ୍ଷେତ୍ରରୁ ଦୂରରେ ନରହି, ବରଂ ତହିଁରେ ଭଲ ଭାବରେ ମିଶିବା ଦରକାର, ରାଜନୀତି ପାଇଁ ଅଭ୍ୟାସ ଓ ଅଭିଜ୍ଞତା ଦରକାର, ସୂତ୍ର କି ନୀତି ନୁହେଁ। ସୂତ୍ର ଓ ନୀତି ଘେନି ଯେ ରାଜନୀତିଜ୍ଞ ପାଲଟେ ସେ ଗୋଟାଏ କୋଠା କେତେ ଲୋକଙ୍କ ଦ୍ୱାରା ଏକ ସେକେଣ୍ଡରେ ତିଆରି ହେବ, ସେଇୟା କଷୁଥାଏ।ମୁଁ ପଚିଶ ବର୍ଷ ପର୍ଯ୍ୟନ୍ତ ଜାଣିବି ନାହିଁ, ସାଧାରଣ କ୍ଷେତ୍ରରେ କିପରି ବକ୍ତୃତା ଦେବାକୁ ହୁଏ , କିପରି ଜନମଣ୍ଡଳୀର ପ୍ରାଣକୁ ସ୍ପର୍ଶ କରିବାକୁ ହୁଏ- ମୁଁ ସାଧାରଣଙ୍କର ନୈତିକ ଦୁର୍ବଳତା କେଉଁଠାରେ ନିଜେ ଜାଣିବାର ସୁଯୋଗ ପାଇବି ନାହିଁ। ଏସବୁ ଶିଖିବି କେବେ, ରାଜନୀତି କ୍ଷେତ୍ରରେ କାମ କରିବି କେବେ?

ବିପ୍ରବାବୁ- କିନ୍ତୁ ଦେଖୁଚ ବିଶୁ, ଏଥିରେ ପାଠ ପଢ଼ାପଢ଼ିରେ ବଡ଼ ବ୍ୟାଘାତ ଆସି ପହଞ୍ଚିଛି- ଶୃଙ୍ଖଳା ଆଦୌ ରହୁନାହିଁ- ଛାତ୍ରଙ୍କ ମଧ୍ୟରେ ଗୋଟାଏ ଖରାପ ବାୟୁମଣ୍ଡଳ ସୃଷ୍ଟି ହେଉଛି-

ବିଶ୍ୱମ୍ଭର - ସେ ଦୋଷ ଛାତ୍ରମାନଙ୍କର ନୁହେଁ ,ଶିକ୍ଷକମାନଙ୍କର ,ପିଲାମାନଙ୍କର ନୁହେଁ, ଶିକ୍ଷା ପଦ୍ଧତିର-ତା ନ ହୋଇ ଅନ୍ୟ ଗତି ନାହିଁ-ଆଉ ଏ ଶୃଙ୍ଖଳା ହାନି ପାଇଁ ଦାୟୀ ଶିକ୍ଷକ ଓ କର୍ତ୍ତୃପକ୍ଷ।

ବିପ୍ରବାବୁ- ହଁ, ତମେ ପାଠ ପଢ଼ିବନି, ପ୍ରଫେସରଙ୍କୁ ମାନିବ ନାହିଁ,ବଦମାସୀ କରିବ, ଏଥିରେ ଦୋଷ ନିଶ୍ଚୟ ପ୍ରଫେସରଙ୍କର, ଆଉ ନୋଇଲେ ହବ କାହାର?

ବିଶ୍ୱମ୍ଭର- ନା, ଆପଣ ଭୁଲ୍ ବୁଝିଛନ୍ତି-ଛାତ୍ର ଚାହାନ୍ତି ପ୍ରକୃତ ଶିକ୍ଷା-ଆପଣ ତାଙ୍କୁ ଦିଅନ୍ତି ନାହିଁ- ଏ ଯାହା କିଛି ଗଣ୍ଡଗୋଳ

www.jatayu.org

ନାଟକ

# ଜଉଘର

କବି ରଘୁନାଥ ଦାସ

ହେଉଛି ସବୁରି ମୂଳରେ ଅଛି ଯେ ପିଲାମାନଙ୍କୁ ଆପଣ ପଢ଼ାଉ ନାହାନ୍ତି।

ବିପ୍ରବାବୁ- ସତେ?

ବିଶ୍ବମ୍ଭର- ହଁ ନିରାଟ ସତ କଥା ଏ, ଛାତ୍ରୀମାନେ ଦାବି କରୁଛନ୍ତି, ଆପଣ ତାଙ୍କୁ ଶିକ୍ଷା ଦିଅନ୍ତୁ, ଶିକ୍ଷା ଅଧିକ ଉନ୍ନତ ମନୁଷ୍ୟ ହେବା ପାଇଁ, ନିଜର ମନୁଷ୍ୟତାର ବିକାଶ ପାଇଁ। ଆପଣ କହୁଛନ୍ତି ନା, ଆମେ ତମକୁ ମଣିଷ ହେବାକୁ ଦେବୁ ନାହିଁ, ତମେ ଗୋଟାଏ ଲେଖା ଶୁଆ ହୋଇ ଆମ କଥାଯାକ ସବୁ ଘୋଷି ଯାଅ, ପାଇପ୍ ପରି ଏ ପାଖେ ପାଣି ଭର୍ତ୍ତି କରି , ସେ ପାଖରେ ବାହାର କର। ଆମର ମନୁଷ୍ୟତ୍ବକୁ ନଷ୍ଟ କରି ଆପଣ ଗୋଟାଏ ଲେଖା କିରାନି ତିଆରି କରୁଛନ୍ତି, ମନୁଷ୍ୟକୁ ନିର୍ଜୀବ କଳରେ ପରିଣତ କରୁଛନ୍ତି। ସେଇଯୋଗୁଁ ମୁଁ ଭାବୁଛି ଯେ ଆପଣ ଜାଣତରେ ହେଉ ବା ଅଜାଣତରେ ହେଉ, ଜଣେ ଦେଶଦ୍ରୋହୀ , ନରହନ୍ତା।

ମହେନ୍ଦ୍ରବାବୁ- (ଉତ୍ତ୍ୟକ୍ତ ହୋଇ) ବେଶି ବୁଦ୍ଧି ହେଇ ଯାଉଛି ନା! କଥା କହି ଶିଖିଲୁଣିତ ବେଶ୍।

ବିପ୍ରବାବୁ- ନା, ମହେନ୍ଦ୍ରବାବୁ,ରାଗନ୍ତୁ ନାହିଁ। ଆଜିକାଲି ଛାତ୍ରମାନେ ସେଇପରି ହେଲେଣି, ଆପଣ ଏଇ ଗୋଟାଏ ଦେଖୁଛନ୍ତି? ଆମେ ପ୍ରତିଦିନ ଶହ ଶହ ଘଟଣା ଦେଖୁଛୁଁ-ହଁ, ଆଉ କ'ଣ ଅଛି କହିବାର –କହ-

ବିଶ୍ବମ୍ଭର- ଆପଣ ଧୀରସ୍ଥିର ହୋଇ ଶୁଣନ୍ତୁ, ରାଗିବାର କୌଣସି କାରଣ ନାହିଁ- ମୁଁ କେବଳ କାରଣ ଦର୍ଶାଇ ଯାଉଛି- ମୋର ଭୂଲ୍ ଥାଇପାରେ – କିନ୍ତୁ ଆପଣ ମୋ ଭୁଲ୍ ଦେଖାଇ ନେ ଦେଲେ, ମୋ କାର୍ଯ୍ୟ ଲାଗି ମୋତେ ଦୋଷ ଦେବେନାହିଁ। ଆପଣ ବରାବର ଆପତ୍ତି କରୁଛନ୍ତି ଛାତ୍ରଙ୍କ ଭିତରେ ଶୃଙ୍ଖଳା ନାହିଁ-କିନ୍ତୁ ତା ନିତାନ୍ତ ଭୁଲ୍ ଧାରଣା-କାରଣ ଛାତ୍ରମାନେ ଦାବି କରୁଛନ୍ତି ଅଧିକ ଶୃଙ୍ଖଳା ଲାଗି-ଆପଣ ଶୃଙ୍ଖଳା ପରିବର୍ତ୍ତେ ଶିକୁଳା ଦେଉଛନ୍ତି, ତେଣୁ ଏତେ ଗଣ୍ଡଗୋଳ-

ବିପ୍ରବାବୁ- କିମିତି? କିମିତି? ବାବା, ମୁଁ ତ ବୁଝିପାରୁନାହିଁ ତମ କଥା-

ବିଶ୍ବମ୍ଭର- ମୁଁ, କହୁଚି, ଶୁଣନ୍ତି।ଶୃଙ୍ଖଳା ବାହାରୁ ଆସେ ନାହିଁ,ଶୃଙ୍ଖଳା ହୃଦୟରୁ ଜାତ ହୁଏ । ସେ ଗୋଟାଏ ଦାବି କଲା, ଗୋଟାଏ ବି ଅପରାଧ କଲା, କି ଶୃଙ୍ଖଳା ଭଙ୍ଗକଲା, ଆପଣ ତାର ଦୋଷ ବିଷୟରେ ତାକୁ ବୁଝାଇ ତାର ମନରେ ପରିବର୍ତ୍ତନ ଆଣିବା ପରିବର୍ତ୍ତେ ଆପଣଙ୍କ ଚେଷ୍ଟା ହେଉଚି କେବଳ ତାକୁ ଦବେଇ ଦେବାକୁ । ଆପଣଙ୍କ କଥାର ହୃଦ୍‌ବୋଧ ହେଉ କି ନ ହେଉ, ତାକୁ ମାନିବାକୁ ହେବ, କ୍ରୀତଦାସ ପରି। ଏହାକୁ କଦାପି ଶୃଙ୍ଖଳା କୁହାଯାଇନପାରେ। ଏହା ଏକପ୍ରକାର କ୍ରୀତଦାସ ପ୍ରଥା । ଆପଣ କେବଳ ଜୋରିମାନା ଓ ମାଡ଼ ଭୟରେ ,ଲାଠି ଓ ବନ୍ଧୁକ ମୂନରେ ଛାତ୍ରଙ୍କୁ ଶାସନ

www.jatayu.org

# ଜଉଘର

କବି ରଘୁନାଥ ଦାସ

କରିବାକୁ ଚାହାନ୍ତି। ଏପରି ଶାସନରେ ସ୍ବଭାବତଃ ତାଙ୍କର ମନ ବିଦ୍ରୋହ କରିଉଠିବ, ବିଶେଷତଃ ସେମାନେ ଯୁବକ। ସେମାନେ ସୁବିଧା ଓ ସୁଯୋଗ ଖୋଜି ବୁଲିଲେ,ସୁଯୋଗ ଦେଖି ବିଦ୍ରୋହ କଲେ। ସେଥିରେ ଦୋଷ ସେମାନଙ୍କର ନୁହେଁ, ଦୋଷ-

ମହେନ୍ଦ୍ରବାବୁ- ଚୁପ୍ ହୋ, ବେଶି କଥା କହି ଶିଖି ଯାଉଚି।

ବିଶ୍ବମ୍ଭର- ରାଗିବାର କାରଣ କିଛିନାହିଁ, ବାପା –ମୋର କହିବାର ଯାହା ଅଛି, ତା ଶୁଣନ୍ତୁ- ଆପଣ ଛାତ୍ରମାନଙ୍କ ପକ୍ଷରେ ଧର୍ମଘଟ ଅସୁନ୍ଦର, ସବୁଠାରେ ତ ଚିତ୍କାର କରି ଆସୁଛନ୍ତି କିନ୍ତୁ ମୋତେ କୁହନ୍ତୁ ତ ଧର୍ମଘଟ ବିନା ଛାତ୍ରମାନଙ୍କର ଅଭାବ ଅଭିଯୋଗ ସୁଧାରିବା ପାଇଁ ଆପଣ ଅନ୍ୟ କି ପନ୍ଥା ରଖିଛନ୍ତି? ଆପଣ ଛାତ୍ରମାନଙ୍କର କେତେଟା ଅଭାବ ଅଭିଯୋଗ ମେଣ୍ଟାଇଥାନ୍ତି?

ମହେନ୍ଦ୍ରବାବୁ- ତମରି ଖାଲି ଅଭାବ ଅଭିଯୋଗ ଗୁଡ଼ାକ ବଳେଇ ପଡୁଚି, ଆମେ ତ ଫେର୍ ଦିନେ ଛାତ୍ର ଥିଲୁଁ, ପାଠ ପଢୁଥିଲୁ। ଆମର ତ କିଛି ନଥିଲା, ତମରି ବେଳକୁ ସବୁ ହଉଚି। ଅସଲ କଥା ତମର ପାଠ ପଢ଼ିବାକୁ ମନ ନାଇଁ। ଆମବେଳେ ପ୍ରଫେସର ଯଦି ଅନ୍ୟାୟରେ ଦଶ ବେତ ମାରନ୍ତି, ତେବେ ବି ଆମ ପାଟିରୁ କଥା ପଦେ ବାହାରୁ ନଥିଲା- ୟାଙ୍କୁ ଦେଖ- ପ୍ରଫେସରଙ୍କ ଆଗରେ କି ଫାଜିଲ ଚଲାକ ହୋଇ କଥା କହୁଚନ୍ତି।

ବିପ୍ରବାବୁ- ନା, ନା, ଆପଣ ରାଗନ୍ତୁ ନାହିଁ, ଟୋକାଳିଆ ବୁଦ୍ଧି କହୁ-କହୁ-

ମହେନ୍ଦ୍ରବାବୁ- ନାଁ, ଦେଖୁଚ ନା ତା ବ୍ୟବହାର-ପିଲା ହେଇଚି-ନାଇଁ?

ବିଶ୍ବମ୍ଭର- ବାପା, ମୋ କଥାରେ ରାଗିବାର କାରଣ ତ କିଛି ଦେଖୁନାଇଁ, ମୋ କଥା ଯଦି ନ ଶୁଣିବେ, ତେବେ ମୋତେ ଏଠିକି ଡାକିବାର ତ କୌଣସି ଆବଶ୍ୟକ ନଥିଲା। ମୁଁ କହିସାରେ, ମୋ ଯୁକ୍ତିରେ କେଉଁଠି ଅନ୍ୟାୟ ହୋଇଚି ଆପଣ କହିଦେଲେ ତ ହେବ। ଛାତ୍ରମାନେ ବାଧ ହୋଇ ଶ୍ରମିକଙ୍କ ପରି ଧର୍ମଘଟ କରୁଛନ୍ତି। ଆପଣମାନେ କହନ୍ତି ଯେ ଛାତ୍ରସମାଜରେ ଅସାଧୁ ଓ ନୈତିକତାହୀନ ବାୟୁମଣ୍ଡଳ ସୃଷ୍ଟି କରାହୋଇଛି କିନ୍ତୁ ମୋ ମତରେ ଠିକ୍ ଏହାର ବିପରୀତଟାରେ ସଭ୍ୟତା ଅଛି। ଧର୍ମଘଟ ସମୟରେ ଶିକ୍ଷକମାନେ ଓ କର୍ତ୍ତୃପକ୍ଷ କେତେକ ଛାତ୍ରଙ୍କୁ ନାନାପ୍ରକାର ପ୍ରଲୋଭନ ଦେଖନ୍ତି-ଏଇଟା କଣ ସାଧୁତା? ନୀତି ବିରୋଧୀ ନୁହେଁ? ଏତ ଗଲା ସାମାନ୍ୟ କଥା-ଏଠାରୁ ବଳି କଦର୍ଯ୍ୟ କଥା ହଉଚି ସେ ଯଦି କୌଣସି ଛାତ୍ର ଧର୍ମଘଟରେ ଯୋଗଦେଲା –କି ପ୍ରଫେସରଙ୍କ ସାଙ୍ଗରେ ତାର ମତଦ୍ବୈଧ ହେଲା, ତେବେ ଗରିବ ବିଚାରର Freee studentship କି Scholarship କଟିଲା, ଅଥଚ ଧନୀ ପିଲାଙ୍କର ସେ କ୍ଷେତ୍ରରେ କିଛି ହୁଏନାହିଁ। ଏହାର ପ୍ରାଞ୍ଜଳ ଅର୍ଥ ନୁହେଁ କି ଯେ, ଯେହେତୁ ସେମାନେ ଗରିବ, ସେମାନଙ୍କର ସ୍ବାଧୀନତା ନାହିଁ, ସେମାନେ

Powered by Tekons

*ନାଟକ*

# ଜଉଘର

କବି ରଘୁନାଥ ଦାସ

କ୍ରୀତଦାସ-ତାଙ୍କ ମନର ସ୍ୱାଧୀନତା ନାହିଁ, ସେମାନେ ସେମାନଙ୍କର ସ୍ୱାଧୀନ ମତବ୍ୟକ୍ତ କରିପାରିବେ ନାହିଁ। ଏହାଠାରୁ ବଳି ବଳି କଦର୍ଯ୍ୟ କଥା, ନୀଚ କଥା କଣ ଥାଇପାରେ । କର୍ତ୍ତୃପକ୍ଷ ଆମକୁ ଶିକ୍ଷା ଦେଉଛନ୍ତି ଦ୍ୱିରୂପ ହେବାକୁ-Hypocrite ହେବାକୁ, ଏହା କଣ ଶିକ୍ଷା ? ଏହା କର ନୈତିକତା?ଆଉ ଏହି ଶାସନ ବିରୋଧରେ , ଏହି ଶିକ୍ଷା ବିରୋଧରେ ଆପତ୍ତି ଅଭିଯୋଗ  କଲେ, ଦୋଷ ଛାତ୍ରଙ୍କର;ଏଥିରେ ସେମାନେ ହେବେ ଅସାଧୁ, ନୈତିକତାଶୂନ୍ୟ!।

ବିପ୍ରବାବୁ-   ହଁ,ବର୍ତ୍ତମାନ ତମେ ଯୁବକ। ଆଦର୍ଶ ପଛରେ ଗୋଡ଼ାଉଚ। ପ୍ରକୃତ କର୍ମକ୍ଷେତ୍ରକୁ ଆସ, ତମର ଏ ଆଦର୍ଶ କୁଆଡ଼େ ଯିବ। ଦୁନିଆ ବାବା ବଡ଼ ଜଟିଳ-ସଂସାର ଇମିତି ହେଇଚି, ତମକୁ ଦ୍ୱିରୂପ ହେବାକୁ ପଡ଼ିବ-

ବିଶ୍ୱମ୍ଭର-   ହଁ, ଠିକ୍, ସେଇଯୋଗୁ ତ ଦୁଇଯୁଗର ଲୋକଙ୍କ ମଧ୍ୟରେ ଏ ସଂଘର୍ଷ-କର୍ତ୍ତୃପକ୍ଷ ଓ ଛାତ୍ରଙ୍କ ଭିତରେ ଏ ଟଣାଓଟରା । ଆମେ ଚାହୁଁ ସତ୍ୟ।ଭଲ ହେଉ, ମନ୍ଦ ହେଉ,ଅମେ ସତ୍ୟର ଉପାସନା କରିବୁଁ। ସାପକୁ ସାପ କହିବୁଁ, ବେଙ୍ଗକୁ ବେଙ୍ଗ କହିବୁ। ଆପଣ ଏଇଟା ଚାହାନ୍ତି ନାହିଁ। ଆପଣ ଚାହାନ୍ତି ତେନ୍ତୁଳି ଦେଖି ନାରଙ୍ଗ କହିବୁ-

ବିପ୍ରବାବୁ-   ହଁ ବିଶ୍ୱମ୍ଭର,କଥାଟା ସତ, ମୁଁ ମାନୁଚି କିନ୍ତୁ ଯାହା କହ ମନକୁ ପାଉନାହିଁ । ଇମିତି ହୋଇ ସଂସାରରେ ଚଳିପାରିବ ତ?

ବିଶ୍ୱମ୍ଭର-    ଓଃ,ସଂସାରରେ ଚଳିବା କଥା ? ସେଠି ବି ଆପଣଙ୍କ ସହିତ ଆମର ମତଭେଦ। ଆପଣ ଚାହାନ୍ତି ଯେ କୌଣସି ଉପାୟରେ ବଞ୍ଚି ରହିବାକୁ ଦାସତ୍ୱ ସ୍ୱୀକାର କରି, ଏପରି କି ପଶୁତ୍ୱ ସ୍ୱୀକାର କରି, କିନ୍ତୁ ଆମେ ଚାହୁଁ ପୂର୍ଣ୍ଣଜୀବନ।ଏପରି ଅର୍ଦ୍ଧଜୀବନ ନେଇ ଯାହା, ନ ନେଉ ବି ତାହା। ଯଦି ଆମେ ବଞ୍ଚିବୁ ତେବେ ମନୁଷ୍ୟ ପରି, ତାର ସମସ୍ତ ସ୍ୱାଧୀନତା ନେଇ, ତା' ନ ହେଲେ ଏକଦମ୍ ମୂଳପୋଛ-ଲୋପ। ଜୀବନ୍ତରେ ମରଣ ଭୋଗ କରିବାର ପକ୍ଷପାତୀ ମୁଁ ଆଦୌ ନୁହେଁ-ଅର୍ଦ୍ଧଜୀବନରେ ଆବଶ୍ୟକ ନାହିଁ।

ବିପ୍ରବାବୁ-  ହଁ;ସେ ଯାହା ହେଉ ଆଉ ଗୋଟାଏ କଥା ଦେଖ, ତମ ବାପା ସରକାରୀ ଚାକିରିଆ-ତମେ ଇମିତି ସାମ୍ୟବାଦୀ ତ ହେଲେ ହବ ନାହି, ଆଜି ତମେ ଯୋଉଁ ବକ୍ତୃତାଟି ଦେଲ, ପୁଲିସ ରିପୋର୍ଟ କଲେ,ବାପାଙ୍କ ଚାକିରି ଉପରେ ବାଧା ଆସିବ। ଆମେ ୟା ଆଗରୁ ସେଇ କଥା ପକେଇଥିଲୁ। ସେ ଆଉ ମୁଣ୍ଡଟେକି ବାଟ ଚାଲି ପାରୁନାହାନ୍ତି।

ବିଶ୍ୱମ୍ଭର-  କ୍ଷମା କରିବେ। ମୁଁ ଏପରି କିଛି କାମ କରୁନାଇଁ ଯୋଉଥିରେ ଅନ୍ୟ କେହି ଲଜ୍ଜିତ ହେବେ। ମୁଁ ଯାହା ଅନୁଭବ କରିବି ତା ଲୁଚାଇ ଭଣ୍ଡାମିର ଆଶ୍ରୟ ନେବି? ଅସାଧୁ ହେବି? ମିଥ୍ୟାବାଦୀ ହେବି? ଏଇତ ଆପଣ ଚାହାନ୍ତି-ବାପାଙ୍କ ପାଇଁ ମୁଁ ଏଇସବୁ କରିବି-?

*ନାଟକ*

# ଜଉଘର

*କବି ରଘୁନାଥ ଦାସ*

ମହେନ୍ଦ୍ରବାବୁ- ତତେ ଏତେ ସ୍ନେହ କରି ବଢ଼ାଇଥିଲି, ପାଠ ପଢ଼େଇ ଏଡ଼ୁଟିଏ କଲି, ଏଇୟା କହିବାକୁ? ମୁଁ ତୋର ଅମଙ୍ଗଳ ଖୋଜୁଛି, ନା? ମୁଁ ତତେ ଅସତ୍ କରିବାକୁ ବସିଚି, ନା? ଗଲାଣି ସେଇଟା ବଜାରି ହେଇ ମ, ବିପ୍ରବାବୁ।

ବିପ୍ରବାବୁ- ବିଶ୍ବମ୍ଭର, ତମେ କଥାଟା ବୁଝିପାରୁନ ଆଦୌ। ତମ ବାପା ତମ ପାଇଁ କେତେ କଷ୍ଟ ସହିଛନ୍ତି-ତମକୁ କେତେ ସ୍ନେହ କରନ୍ତି- ତମେ ସେସବୁ କଥା ଆଦୌ ଭାବୁନ। ତାଙ୍କ ପ୍ରତି ତମର ତ ପୁଣି ଗୋଟାଏ କର୍ତ୍ତବ୍ୟ ଅଛି। ତମେ ବୃଥାଟାରେ ତାଙ୍କ ମନରେ କଷ୍ଟ ଦେଉଚ-ଏଇଟା କଣ ଭଲ କଥା?

ବିଶ୍ବମ୍ଭର- ମୋର କାର୍ଯ୍ୟରେ ଅନ୍ୟାୟ ହେଉଚି କେଉଁଠି ମୋତେ ସେଇକଥା ଦେଖେଇ ଦିଅନ୍ତୁ । ମୋ କାର୍ଯ୍ୟ ହେତୁକାହା ମନରେ କଷ୍ଟ ହେବ କି ନାହିଁ, ସେ କଥା ମୁଁ ଭାବୁନାହିଁ-ମୁଁ ଯଦି ଭୁଲ୍ କାମ ଗୋଟାଏ କରି ଅନ୍ୟଙ୍କ ମନରେ କଷ୍ଟ ଦିଏ,ସେଇଟା ମୋର ହେବ ଅପରାଧ,କିନ୍ତୁ-

ମହେନ୍ଦ୍ରବାବୁ-ଖରାପ କାମ କରିବା ଅପରାଧ। ବାପ-ମା'ଙ୍କ ମନରେ କଷ୍ଟ ଦେବା ଏଇଟା ହେଉଚି ବାହାଦୂରୀ, ଭାରି ଭଲ କାମ, ନା ?ବାପ ମାଙ୍କ କହିବା କଥା ନା ମାନିବା-ଏଇଟା ହଉଚି-ଏଇଟା ହଉଚି କଣ?

ବିଶ୍ବମ୍ଭର- ସେଇଟା ହେଉଚି ବିରାଟ ଗୋଟାଏ କିଛି ନୁହେଁ। ସ୍ନେହ ବାତ୍ସଲ୍ୟର ଫମ୍ପା ଆବାଜ ଆପଣ ଦେଉଛନ୍ତି, ଦାସତ୍ବର ସେ ଗୋଟାଏ ଅନ୍ୟ ରୂପ। ଆପଣ ମୋତେ ଖାଇବା ପିଇବାକୁ ଦେଇ ବଢ଼େଇଛନ୍ତି ବୋଲି ଦାବି କରୁଛନ୍ତି ଯେ, ମୋ ମନକୁ ପାଉ ବା ନ ପାଉ ମୋତେ ଆପଣଙ୍କର ଆଦେଶ ମାନିବାକୁ ହେବ। ମୋର ସ୍ବାଧୀନତା ନାଇଁ?, ମୁଁ ସ୍ବାଧୀନ ଭାବରେ ଭାବି ପାରିବି ନାହିଁ।

ମହେନ୍ଦ୍ରବାବୁ- ନାଃ, ତୋର ତୁ ମନଇଚ୍ଛା କାମ କରିବୁ;ଆଉ ମୋ ଚାକିରି ଯିବ, ତୋରି ଯୋଗୁଁ!

ବିଶ୍ବମ୍ଭର- ହଁ, ବାପା; ସେଇତ ସତକଥା। ଆପଣ ଯୋଉ ସ୍ନେହର ବଢ଼େଇ କରନ୍ତି,ତା ଏଇ ଟଙ୍କା ପଇସା ଦ୍ବାରା ହିସାବ ହୁଏ। ପୁଅର ଦାମ୍ ତାର ବାଧ୍ୟତା, ତାର ଦାସତ୍ବ ଉପରେ ନିର୍ଭର କରେ। ଆଉ ପୁଅର କାମରେ ଆପଣ ଯେଉଁ ଗର୍ବ ବା ଲଜ୍ଜା ଅନୁଭବ କରନ୍ତି- ତା ଠିକ୍ ମେଣ୍ଢା ଲଢ଼େଇ ପରି। ଯାହାର ମେଣ୍ଢା ଲଢ଼େଇ ଭଲ, ତା ମନ କୁଣ୍ଢେ ମୋଟା। ଦାସତ୍ବ ପ୍ରଥା; ଏ ଦାସତ୍ବ ପ୍ରଥା ଗୋଟାଏ ଚଳଣୀ, ଗୋଟାଏ ରୀତି-ଯାହାକୁ କହନ୍ତି Convention, ସେଇଥିରେ ପରିଣତ ହୋଇଗଲାଣି । ସ୍ନେହ, ବାତ୍ସଲ୍ୟ ଏଗୁଡ଼ାକ ମିଥ୍ୟା, ଫିସାଦର ଗୋଟାଏ ଗୋଟାଏ ଶକ୍ତ ଜାଲ। ସବୁ ଟଙ୍କା ପଇସାର କାରବାର। ସ୍ନେହର ଯେ ଛାପ ଆପଣ ମାରିଛନ୍ତି, ସେ ସବୁ ଭଣ୍ଡାମି-ମିଥ୍ୟା ଫିସାଦ।

www.jataayu.org

ନାଟକ

# ଜଉଘର

କବି ରଘୁନାଥ ଦାସ

ମହେନ୍ଦ୍ରବାବୁ- ଦେଖୁଛନ୍ତିଟି ବିପ୍ରବାବୁ! ହଇରେ, ଆମର ତୋ ପ୍ରତି ସ୍ନେହ ନାଇଁ? ଆମେ ତୋର କେହି ନୋହୁଁ? ଆମେ ମିଛୁଆ, ଫିସାଦିଆ,ଭଣ୍ଡ,ଜୁଆଚୋର? ହଇରେ ଏ ଲେଖା (ବନ୍ଦେମାତରଂକୁ ଦେଖାଇ ) ଏଠି ମାଇଲା କିଏ? ମୋ ଚାକିରି ନବାକୁ ବ୍ୟବସ୍ଥା କରୁଚୁ- ଉପାୟ ଖଞ୍ଜି ଦଉଚୁ?ତୁ ତ ଯାହା ହେଲୁ,ହେଲୁ ନିଜେ ଛତରା ହେବୁ, ତା ସାଙ୍ଗରେ ଆଉ ଦଶ ଜଣଙ୍କୁ ହଇରାଣ ହଟହଟା କରି ଘାଣ୍ଟିବୁ। ତୁ ଯା-ଯା ମୋ ଘରୁ ତୁ ତ ଯାହା ବାପକୁ ପୋଷିବୁ ଜଣାଗଲାଣି। ବାପର ନା ରଖିବୁ ସେ ବି ଜଣାଗଲାଣି । ଯା ଅବି ମୋ ଘରୁ ବାହାର- ତୋର ତ ଆମେ କେହି ନୋହୁ। ୟା ପାଇଁ ମଣିଷ କାଇଁ ଏତେ ଦହଗଞ୍ଜରେ ପଡ଼ିବ-ଚାକିରିରେ ବଦନାମ୍ ହେବ-ଦଶଜଣଙ୍କଠି ଟାଣ କରି କଥା ପଦେ କହିପାରିବ ନାହିଁ-ଅପମାନ ପାଇବ-ତୁ-ଯା-ବେହିଆ ମୁହଁକୁ ଲାଜ ନାଇଁ, କୋଉ ମୁହଁରେ ତୁ ଏଠିକି ଆସୁଚୁ?ଚାକର ବାକର ୟାର ହେଲେ ବେଶି ଆପଣାର-ଆମେ ୟାର କେହି ନୋହୁଁ। ଯା-ଯା- ସେଇ ଚାକରଙ୍କ ପାଖକୁ ଯା- ସେଇ ତତେ ପଢ଼େଇବେ- । ଆରେ କାହା ଟଙ୍କାରେ ବଢ଼ିଚୁ? କାହା ଯୋଗୁ ବି.ଏ.ପାଶ କଲୁ-କାହା ଟଙ୍କାରେ ପଢୁଚୁ? ୟାରି ଯୋଗୁ ଗୋଟାଏ କରି ଚାକର ଘରେ ରହୁନାହାନ୍ତି। ସମସ୍ତିଙ୍କ ଶିଖେଇଲା-ଇମିତି ବଦମାସ; ଗୋଟାଏ ଯାଇଥିଲା ଦି ଦିନ ତଳେ-ଫେର ଆଜି ନିମା ବି-ମୋର ଏ ନାଗସାପକୁ କିଏ ଘରେ ପୋଷିବ? ଯା-ମୁଁ-କହୁଚି-ତୋ ମୁହଁ ଚାହିଁବି ନାହିଁ।

ବିଶ୍ଵମ୍ଭର- ହଁ, ବାପା, ଯାଉଚି, ବିନା ଆପତ୍ତିରେ-ଦାସତ୍ବର ଶୃଙ୍ଖଳା ବରଣ କରିବା ଅପେକ୍ଷା ଦାଣ୍ଡରେ ସ୍ବାଧୀନ ହୋଇ ବୁଲିବାଟାକୁ ମୁଁ ଶ୍ରେୟସ୍କର ମନେ କରିବି। ଯିବା ଆଗରୁ ଆଉ ଗୋଟାଏ କଥା ବି କହିଯାଏଁ- ଚାରିଆଡ଼େ ବାପା,ମା, ଶିକ୍ଷକ ପାଟି କରୁଛନ୍ତି, ପିଲାଙ୍କର ସହିବାର ଶକ୍ତି ନାହିଁ। କିନ୍ତୁ ଦେଖନ୍ତୁ କିଏ ସହି ଜାଣେ, କିଏ ଉତ୍ତ୍ୟକ୍ତ ହୁଏ। ଆପଣ ମୋତେ ବୁଝାଇବାକୁ ଡାକିଥିଲେ, ବୁଝାଇପାରିଲେ ନାହିଁ। ମୋର ଯୁକ୍ତି ଆପଣଙ୍କର ଅସହ୍ୟ ହେଲା। ଯୁବକ ସବୁଦିନେ ସହିଜାଣେ, ପିଲା-ବରାବର ସହିଷ୍ଣୁ; ବାପ, ମା, ଶିକ୍ଷକ ଓ କର୍ତ୍ତୃପକ୍ଷ ସବୁଦିନେ ଅତ୍ୟାଚାରୀ-ଅସହିଷ୍ଣୁ-ହଉ, ନମସ୍କାର-ଯାଉଚି।

(ଘରୁ ବାହାରି ଚାଲିଗଲା)

ମା- (ହଠାତ୍ ପଶି ଆସିଲେ, ବନ ଦୁଆର ପାଖରେ ) ଇମିତି ରାଗୁଚ ଗୁଡ଼ାଏ କାଇଁକିମ, ତମର ଇମିତିକା କଥା ଗଲା ନାଇଁ ଆଉ। ବେଶି ରାଗ ଦେଖେଇ ହଉଚ, ଯା, ଏବେ ତାକୁ ବୁଝେଇ କରି ଆଣିବ-

ମହେନ୍ଦ୍ରବାବୁ- ଯାଉ ସେ,ଗଲାଣି ବଜାରୀ ହେଇ, ଛତରା ହୋଇଗଲାଣି- ଯାଉ ସେ ମରୁ ନଇଲେ ସରୁ-

ମା- ଆଃ, ଅତି ଗୁଡ଼ାଏ କୋଉ କଥାକୁ ଯାଏ ନାଇଁ, ଇମିତି ପରା ବାପପଣିଆ କରନ୍ତି। ପୁଅଟାକୁ ଏତେ ରାତିରେ କୁଆଡ଼େ ପଠେଇ ଦେଲ ମ?ଶୀତଦିନ –ଦିହରେ ଖଣ୍ଡେ ଲୁଗା ନାଇଁ।

ମହେନ୍ଦ୍ରବାବୁ- ନୋଇଲେ, ତାକୁ କଣ ମୁଣ୍ଡେଇ କରି ବସିଥାନ୍ତି?

www.jatayu.org

# ଜଉଘର

କବି ରଘୁନାଥ ଦାସ

ମା- ନୋଇଲେ ତ ପୁଅ ପୁଞ୍ଜାଏ ଛଅଟା ମାଡ଼ି ଆସୁଛନ୍ତି। ଇମିତି ଯଦି ପାଞ୍ଚଟା ପୁଅ ଜନମ କଲ ନି? ବାପ ପଣିଆ ଦେଖଉଚ- (କାନ୍ଦ କାନ୍ଦ ହୋଇ) ମୋ କଥା ତ ଶୁଣିବ ନାଇଁ , ସେଇଆ ହବ ନାଇଁ ତ ହବ କଣ? ମୁଁ ସେ ଦିନୁ କହୁଚି, ତା ହାତକୁ ଦିହାତ କରିଦିଅ। ତମେ ମାଇପି କଥାକୁ କାନ ଦବ କାଇଁକି ଏତେବେଳକୁ ପାଉଥାଅ-

ମହେନ୍ଦ୍ରବାବୁ- ସେ ଯାଉ, ଛତରାଙ୍କ ସାଙ୍ଗରେ ଦାଣ୍ଡରେ ବୁଲୁ-ମୁଁ ଆଉ ତାକୁ ଘରେ ପୁରେଇବି ନାଇଁ।

ବିପ୍ରବାବୁ- ଇମିତି ବ୍ୟସ୍ତ ହଉଚନ୍ତି କାଇଁକି- ସେ ବଳେ ଆସିବ ନାଇଁକି- ଦିଦିନ ଚାରିଦିନ ଏଠି ସେଠି ବୁଲିବ- ଫେର୍ ଘରକୁ ଆସିବ ନାଇଁ କି? ଯାଆନ୍ତୁ,ଘରକୁ ଯାଆନ୍ତୁ;ମୁଁ ଖବର ଦେବି ଯେ ସେ କୋଉଠି ରହିଲା-ଯାଆନ୍ତୁ ମହେନ୍ଦ୍ରବାବୁ –ଦେଖୁଛନ୍ତି ତ ଦୁନିଆର ରୀତି –ମୁହଁ ବାନ୍ଧି ରହିବାକୁ ହେଉଚି। ଆଜିକାଲିକା ଟୋକା-ସେ କହନ୍ତି, ବାପ ନାହିଁ, ମା ନାଇଁ, ଭାଇ ନାଇଁ, ଗୁରୁଜନ ନାହାନ୍ତି-ତାଙ୍କ ମନ ଯାହା ସେଇୟା କରିଯିବେ- ଏଥିକି ବୁଦ୍ଧିବାଟ ଦିଶୁନାଇଁ । ମହେନ୍ଦ୍ରବାବୁ, ହଉ, ଭାବୁଚନ୍ତି ଆଉ କ'ଣ ?ଯାଆନ୍ତୁ,ରାତି ଅନେକ ହେଲାଣି, ଖିଆପିଆ କରିବେ, ମୁଁ ଯାଉଚି- ବିଶ୍ବମ୍ଭର ଦେଖିଚି ଯଦି ଆମ ଘରକୁ ନେଇଯିବି- ବ୍ୟସ୍ତ ହେବେନାଇଁ-

ନମସ୍କାର

(ନମସ୍କାରର ପ୍ରତିନମସ୍କାର –ସମସ୍ତେ ଚାଲିଲେ, ପରଦା ପଡ଼ିଲା)

## ତୃତୀୟ ଅଙ୍କ

(ପ୍ରଥମ ଅଙ୍କର ସେଇ ଘରଟା ପୁଣି ଆଉ ଥରେ ଦର୍ଶକର ଆଖି ଆଗରେ। ଘରର ଦୃଶ୍ୟ ଆରଥର ଯାହା ଥିଲା –ଏଥର ସେଥିରେ ପ୍ରାୟ କିଛି ପରିବର୍ତ୍ତନ ହୋଇନଥିଲା ପରି ଜଣାଯାଉଚି। କେବଳ ଏଥର ଶୋଇଲା ଘରର ଆଲୁଅଟା ଜଳି ଉଠିଚି, ମା ବସି ପାନଭଙ୍ଗା ସରଞ୍ଜାମ ସବୁ ଧରି ଗୁଆ କାଟୁଛନ୍ତି; ଆଉ ବନ ପାଖରେ ବସି ପାନରେ ଚୂନ ଲଗାଉଚି)

ମା- ନାଁ,ଯିଏ କିମିତି ହବ, ତୁ ଆଗରୁ କହିଲୁ ନି?

ବନ- ଆଗରୁ ତ ମତେ ପଚାରି ନଥିଲା।

ମା- ନ ପଚାରିଲେ କଣ ହେଲା,ତୁ କଣ ଜାଣି ନଥିଲୁ?

ବନ- ମୁଁ ଜାଣିବା ସାଙ୍ଗରେ କଥା ନାହିଁ, ମତେ ତମେ ଦିନେ କରି ତ କହିନାହଁ।

ନାଟକ

# ଢଉଘର

କବି ରଘୁନାଥ ଦାସ

ମା-   ନ କହିଲେ କଣ ହେଲା, ଆମେ ଜାଣିଲୁ ତୁ ଜାଣିବୁ, ତୋର ଏଥିରେ ଅମତ ନାହିଁ।

ବନ-   ବେଶ୍ ତ, ମନେ ମନେ ସବୁ ଠିକ୍ କରି ଯାଉଥା –କାଇଁ,ତମେ ମନେ ମନେ ଜାଣିଲ ମୁଁ ଜାଣିଚି ବୋଲି, ମନେ ମନେ ଠିକ୍ କରିଦେଲ ମୋର ଆପତ୍ତି ନାଇଁ ବୋଲି, ବାସ୍, କାମ ସଇଲା, ବେଶ୍ ବୁଦ୍ଧିତ- ଆଉ ମତେ ଟିକିଏ ପଚାରିବାକୁ ହେଲା ନାହିଁ?

ମା-  ନୋଇଲେ ନାଇଁ ଯା- ତମର ଖାଲି ବେଶି ବୁଦ୍ଧି ଛିଣ୍ଡି ପଡୁଛି । ଏକଥା କିଏ କାହାକୁ ପଚାରୁଥାଏ? ତମ ବେଳକୁ ନୂଆ କଥା। ସେ ଟୋକାଟା ଯିମିତି ହଉଚି ତୁ ବି ସିମିତି ହେଲୁଣି, କୁଆଡ଼େ ଗଲା ସେ ଟୋକାଟା,ଦଶଟା ବାଜିଲାଣି-ଖାଇ ନଥିବ;ଏ ଶୀତରେ କୁଆଡ଼େ ବୁଲିଥିବ। ଯାଙ୍କ କଥା ସବୁ ସିମିତି-ଖାଲି ହୁଙ୍କାପିଟା କାମ- ତାକୁ କଣ କହିଲେ ଯେ...। ସେ ଟୋକାବି କମ୍ ନୁହେଁ,ସିଏ ତେହିଁକି ଆରକ।

ବନ- ନା, ବୋଉ, ମୁଁ କହି ଦେଉଚି, ମୋର ସେଥିରେ ରାଜି ନୁହେଁ।

ମା-  କାଇଁକି? କଣ ଧନ ନାଇଁ, ନା ମାନ ନାଇଁ?ପାଟଣା ଯାଇ ସେଠି ଭଲରେ ପାଶ୍ କରି ଆସିଲା। ଘରଦ୍ବାର ସବୁ ଭଲ- ଦେଖିବାକୁତ କେଡ଼େ ସୁନ୍ଦର- ଆଉ ତୋ ମନଲାଖି କିଏ କୋଉଠୁ ଗୋଟିଏ ସରଗରୁ ଆଣିବ? ତୋ ବାପ ତ ଖୋଜି ଖୋଜି ସେଇଠି କରିଚନ୍ତି, ଏଥିରେ ତୋର ଏଡ଼େ ଆପତ୍ତି ଓଜର କାଇଁକି?

ବନ-   ନାଇଁ, ବୋଉ, ବାପାଙ୍କୁ ମନା କରିଦିଅ- ମୋର ଆଦୌ ସେଠି ବାହା ହେବାକୁ ମନା ନାଇଁ।

ମା-   ତମରି ବେଳକୁ ସବୁ ନୂଆପାଠ ବାହାରୁଚି।ହଇଲୋ ତୋ ମୁହଁରେ ଟୋପାଏ କରି ଲାଜ ନାହିଁ, ତୁ ଏଇ ସରମ କଥା ଗୁଡ଼ାକ ମୁହଁ ଖୋଲି କହୁଚୁ? ତତେ ଲାଜ ମାଡୁନାହିଁ,ତୁ ଏ କଥା ତୁଣ୍ଡରେ ଧରୁଛୁ ଫେର୍ ଆପେ ଆସି ତୁ ମୋ ଆଗରେ କହୁଚୁ। ଯାହା କହୁଥିଲି ଯୁଗ ଓଲଟା ହେଲା, ସତ ସେ କଥା; ଆମବେଳେ ବାହାଘର କୋଉଁଠି ହବ,  ମଙ୍ଗଳ ଦିନ ଯାଏ, ଆମେ ଜାଣି ନ ଥାଉଁ। ବାହାଘର କଥା ପଇଲେ କୋଉଠି ଯାଇ କୋଉ କଣରେ ଲୁଚୁ।ଏସବୁକୁ ତମର ନୂଆ କଥା- ଏଠା ମୋ ମନକୁ ପାଉନାହିଁ , ସେଠି ହେବ ନାଇଁ, ମୋ ମାଆଲୋ , ଦେଖ କେତେ କଥା । ହଇଲୋ, ତୁ ଝିଅ ଜନମ ପାଇବୁ କଣ ବର ବାଛିବୁ ବୋଲି? ଆପଣା ବରଘର ଆପେ ଖୋଜିବୁ ବୋଲି? ଏ କଥା ତ କାନ ଶୁଣି ନଥିଲା। ତୁ କଣ ଦୁଃଖରେ ଭାଙ୍ଗି ପଡୁଚୁ ଯେ ତୋର ଏତେ କଥା, ଯାହାର ତ କେହି ନାହାନ୍ତି, ସେ ତ ନିଜେ ଖୋଜୁନାଇଁ । ତୋର କିଏ  ବାପା ନାହାନ୍ତି କି ଭାଇ ନାହାନ୍ତି ଯେ ଫେର୍ ତୁ ଏକଥା କହୁଚୁ?

ବନ-  ସେ ଯାହା ହେଉ, ତମର ନିହାତି ଭୁଲ୍ ହୋଇଚି, ମୋତେ ନ ପଚାରି।

www.jatayu.org

# ଜଉଘର

କବି ରଘୁନାଥ ଦାସ

ମା- ଭୁଲ୍ ହେଲେ ହେଲା ଯା; ତୁ ଏକା ବାହା ହଉଚୁ ନା ଆଉ କିଏ ବାହା ହେଉଚନ୍ତି। ଝିଅ ପୁଅଙ୍କୁ ପଚାରିବ କାଇଁକି? ଆଜିକାଲି ତ ଚଳନି ହୋଇଗଲାଣି , ବର କନିଆକୁ ନ ଦେଖିଲେ ବାହା ହଉ ନାହାନ୍ତି। ଏ, ଝିଅ ଇମିତି କହିବା କଥା ତ କେବେ କାନ ଶୁଣିନାଇଁ।

ବନ- ବୋଉ, ମୁଁ ସଫା କହି ଦେଉଚି, ସେଠି ମୋର ଆଦୌ ରାଜି ନାହିଁ ।

ମା- ମୁଁ ଏତେକଥାକୁ ପାରିବି ନାହିଁ । ତମ ମନ ଯାହା ସେଇୟା କର। କହି ଦେଉଚି- ସିଏ ଯାହା କରନ୍ତୁ। ଏଥିକି ତ ହାତଗୋଡ଼ ପାଉନାହି-ତୋ ରାଜିଯୋଉଠି ସେଠି ବାଛି ବାହା ହ।

(ଏହି ସମୟରେ ମହେନ୍ଦ୍ରବାବୁଙ୍କ ପ୍ରବେଶ)

ମହେନ୍ଦ୍ରବାବୁ- କ'ଣ କ'ଣ କଥା କ'ଣ ? (ସମସ୍ତେ ନୀରବ) କ'ଣ କହୁ ନ ?

ମା- ନାହିଁ, କିଛି ନାହିଁ।

ମହେନ୍ଦ୍ରବାବୁ- କ'ଣ କଥା ପଡ଼ିଥିଲା, ପଚାରିଲା ବେଳକୁ କ'ଣ ନାଁ କିଛି ନାହିଁ।

ମା- ତମରି କଥା ପଡ଼ିଥିଲା,ବାର ଅଡୁଆ ଆଣି ଥୋଇବ।

ମହେନ୍ଦ୍ରବାବୁ- କଣ ଅଡୁଆ ଆଣି ଥୋଇଲି?

ମା- ବିଶୁ କୁଆଡ଼େ ଗଲା ଦେଖିଲ?

ମହେନ୍ଦ୍ରବାବୁ- ସିଏ ଯୁଆଡ଼େ ଯାଉ, ତମେ ସବୁ ବିଗାଡ଼ି ବସୁଚ-ଏଡ଼େ ବଡ଼ ଟୋକାଟାଏ କ'ଣ ହଜିଯାଉଛି? ଯାଉ, ବଳେ ଦିନେ ଦି' ଦିନ ବୁଲି ଫେରିଆସିବ ନାହିଁ କି? ସିମିତି ହେଲେ ସାଧ ହୋଇଯିବ।

ମା- ହଉ, ତମ ମନ ଯାହା ସେଇୟା-

ମହେନ୍ଦ୍ରବାବୁ- କାହିଁକି ଏମିତି ବ୍ୟସ୍ତ ହେଉଛ ଯେ? ଏଇଖିଣି ଦି' ଦିନ ବୁଲିବ ସେ- ସେଇଠୁ, ପେଟ ଶୁଖିଲେ ବଳେ ଆସିବ ନାହିଁ, ଯିବ କୁଆଡ଼େ? କୋଉଠି କିଏ ଇମିତି ଚାଲିଗଲାଣି ନା ସିଏ ଯିବ?

ନାଟକ

# ଜଉଘର

କବି ରଘୁନାଥ ଦାସ

ମା- ଆମ ଗାଁରେ ଇମିତି ସିମିତି ଗୋଟାଏ ଟୋକା ଘରୁ ରାଗି କରି ପଳେଇଲା ଯେ ଗଲା ସିଆଡ଼େ-ରେଙ୍ଗୁନ ରାଇଜ ସାତ ସମୁଦ୍ର ପାର ହୋଇ ପଳେଇଲା। ସେଇଠି ତ ଘରଦ୍ବାର,ପୁଅ ମାଇପ କରି ରହିଲାଣି , ଆଉ ସେ ଘର ମୁହଁ ଦେଖିବ?

ମହେନ୍ଦ୍ରବାବୁ- ଓ, ହୋ-(ବଡ଼ ହସଟାଏ ହସି ଆସୁଥିଲେ)

ମା- ତେମେ ସବୁ ଯାକ ଅଡୁଆରେ ହାତ ଭରତି କରୁଥାଅ। ସମାଜ ତମେ କି ବରଘର ବୁଝିଲ ଯେ ବନ-

ମହେନ୍ଦ୍ରବାବୁ- କଣ ହେଲା ବନ...କଣ ହେଲା ସେଇଠୁ...କହୁନ-ବସିଲ କାହିଁକି ଚୁପ୍ ହେଲ...?

(ଏହି ସମୟରେ ବନ ସେ ଘରୁ ଉଠି ଚାଲିଗଲା)

ମା- ସେ କହୁଛି ସେ ସେଠି ବାହା ହବ ନାହିଁ।

ମହେନ୍ଦ୍ରବାବୁ- କହୁଚି ସେଠି ବାହା ହେବ ନାହିଁ

ମା- ହଁ, ମତେ ଏଇଲାଗେ ସେଇଆ କହୁଥିଲା।

ମହେନ୍ଦ୍ରବାବୁ-କାହିଁକି?କାହିଁକି ମ? କଣ,କଥା କଣ?

ମା- ମୁଁ ଜାଣିଛି କାହିଁକି?

ମହେନ୍ଦ୍ରବାବୁ- ତମେ ଜାଣିନ ଆଉ କଣ ମୁଁ ଜାଣିଛି?

ମା- ଭଲା କଥା, ମୁଁ ଜାଣିଲି କେମିତି ହୁଏ...?

ମହେନ୍ଦ୍ରବାବୁ- ମ, ତମକୁ ସିଏ କହୁଥିଲା , କହି ନଥିବ ଫେର୍।

ମା- ଆଉ ଯୋଉଠି କଣ କହିଲା।

ମହେନ୍ଦ୍ରବାବୁ- ଆଚ୍ଛା ଏଠି ଖରାପ ହେଲା କଣ?

ମା-ସିଏ ଜାଣିଥିବ ।

www.jataayu.org

ନାଟକ

# ଜଉଘର

କବି ରଘୁନାଥ ଦାସ

ମହେନ୍ଦ୍ରବାବୁ-  ତୁମେ ପଚାରିଲ ନାହିଁ।

ମା -  ସିଏ କିଛି କହିଲା ନାହିଁ।

ମହେନ୍ଦ୍ରବାବୁ- ତୁମର ତ ଯେଉଁ ବୁଦ୍ଧି-ଛାଡ଼-

ମା-   ନ ହେଲା ନାହିଁ।

ମହେନ୍ଦ୍ରବାବୁ-ହଇକିଏ ଇମିତି ଚଟି ଯାଉଛ କାହିଁକି?

ମା-  ତମେ ନଇଲେ ସିମିତି କଥାଗୁଡ଼ାକ କହୁଛ- ସେତ କହିଲା ନାହିଁ-ମୋର ଦୋଷ କ'ଣ ହେଲା?

ମହେନ୍ଦ୍ରବାବୁ- ନା ମୁଁ କଣ କହୁଛି କି; ୟା ଭିତରେ କଅଣ କଥା ଅଛି ନା, ତମେ କିଛି ବୁଝିପାରିଲ ନାହିଁ-?

ମା-  ମୁଁ ତାଙ୍କମାନଙ୍କ କଥାରେ ପଶି ପାରେନାହିଁ-

ମହେନ୍ଦ୍ରବାବୁ- କିଏ ତାକୁ କଣ କହି ଦେଇଥିବ ଯେ ସେଥିପାଇଁ କି ସିଏ ସିମିତି ହେଉଥିବ।

ମା- କେଜାଣି-କିଏ ଜାଣିଲା?

ମହେନ୍ଦ୍ରବାବୁ- ସବୁ କଥାକୁ ତୁମର ଗୋଟାଏ କେଜାଣି କିଏ ଜାଣିଲା । ତମେ ଜାଣିବ ନାହିଁ ଆଉ ଜାଣିବ କିଏ? ମା ହୋଇଚ ଖାଲି-

ମା-  ହଁ, ମା ହୋଇଛି ବୋଲିତ ମୁଁ ଦୋଷ କରିଛି? ଯା,ଯା, କଅଣ ଫେର୍ ତୁଣ୍ଡକୁ ଆସୁଥିଲା ଯେ-

ମହେନ୍ଦ୍ରବାବୁ-  କଅଣ ଗାଳି ଦେବ?

ମା-   ନୋଇଲେ ଫେର୍, ମୋ ଦେହ ଜଳଉଚ!

ମହେନ୍ଦ୍ରବାବୁ-  ମୋ ମା' ଲୋ- ଘରକଥା ଫେର ଟିକିଏ ବୁଝିବ ନାହିଁ।

ମା-   ନୋଇଲେ ତ ଘରକଥା ତମେ ସବୁ ବୁଝି ପକାଉଛ।

www.jataayu.org

Powered by Tekons

# ଜଉଘର

କବି ରଘୁନାଥ ଦାସ

ମହେନ୍ଦ୍ରବାବୁ- କ'ଣ ନ ବୁଝିଲ କି?

ମା- ଥାଉ, ଥାଉ, ତୁମର ସେ କଥା- ଏବେ ବିଶୁ କୁଆଡ଼େ ଗଲା ଯେ-

ମହେନ୍ଦ୍ରବାବୁ- ତୁମେ ଯିବଟି ଶୋଇବ-ଯାଅ ଖାଇବ-

ମା- ଶୋଇବି ଆଉ ନିଆଁରଡ଼; ମତେ ଖାଲି ଦହଗଞ୍ଜ କରି ମାରିବ, ଆଉ କିଛି ନାହିଁ- ସେ ବନୁଟା ତେହିଁକି।

ମହେନ୍ଦ୍ରବାବୁ- ବନୁକୁ ପଚାର ତୁମେ।

ମା- ତୁମେ ପଚାର, ମୁଁ ସେଥିକି ପାରେନାହିଁ ।

ମହେନ୍ଦ୍ରବାବୁ- ଡାକ ତେବେ ତାକୁ।

ମା- ତୁମେ ଡାକୁନ?

ମହେନ୍ଦ୍ରବାବୁ- ହଉ ତେବେ,ମୁଁ ଡାକୁଚି ପଛେ, ତୁମେ ଆଉ ଏତେ ରାଗନାହିଁ, ବୁଝିବା ରହିଥା –କଥା କଣ ଇମିତି ବ୍ୟସ୍ତ ହେଉଚ କାହିଁକି?...ବନ- ବନ- ଏ ବନ! (ବନ ଆସି ଠିଆ ହେଲା)

ମା- ସେତ କହୁଚି ବାହା ହେବନାହିଁ।

ମହେନ୍ଦ୍ରବାବୁ- ବାହା ହେବନାହିଁ? କି ଲୋ ବନ, ସେଠି ବାହା ହବୁନାହିଁ?କାହିଁକି?

ମା- ତୁମେ ଆଉ କେଉଁଠି ହେଲେ ବୁଝ, ସେଠି ହେବନାହିଁ।

ମହେନ୍ଦ୍ରବାବୁ- ଆଉ କୋଉଠି ବୁଝିବି କାହିଁକି, ସେଠି କଣ ନାକରା ଦେଲା କି? ସେ କେଉଁଥିରେ ଊଣା ହେଲେ ଯେ? କିଲୋ ବନ, କଣ କହୁଛୁ?

ବନ - ମୁଁ ସେଠି ବାହା ହେବିନାହିଁ

ମହେନ୍ଦ୍ରବାବୁ- ଆଉ କୋଉଠି?



www.jataayu.org

ନାଟକ

# ଜଉଘର

କବି ରଘୁନାଥ ଦାସ

ବନ - ଆଉ ଯୋଉଠି ହେଲେ । ସେଠି ମୁଁ ବାହା ହେବିନାହିଁ।

ମହେନ୍ଦ୍ରବାବୁ- କାହିଁକି? (ବନ ନୀରବ ରହିଲା) କାହିଁକି କହୁନୁ? ଫେର୍ ଗୋଟାଏ କାରଣ ଥିବ ନା?

ବନ- ମୋର ସେଠି ବାହାଘରରେ ରାଜି ନାହିଁ।

ମହେନ୍ଦ୍ରବାବୁ-କୋଉଥିପାଇଁ ରାଜି ନାହିଁ? (ବନ ପୁଣି ନୀରବ) କାହିଁକି ରାଜି ନ ହେବାର ଗୋଟାଏ କାରଣ ଥିବ ନା, ଖାଲି ରାଜି ନାହିଁ, ଏଇତେକେ ପାଠ ସରିଗଲା। ହଁ, ସେ ଅମୁକରେ ଉଣା ହେଲେ, ଅମୁକ କଥାକୁ ସମୁକ କଥା, ଏଠି ମନ୍ଦ ଅଛି, ସେଠି ହାନି ଅଛି- ଏଥିପାଇଁ ମୁଁ ମନା କରୁଛି।

ବନ- ନାହିଁ,ବାପା, ସେଠି ବାହା ହେବିନାହିଁ।

ମହେନ୍ଦ୍ରବାବୁ- କୋଉଥିପାଇଁ ରାଜି ନାହିଁ?(ବନ ପୁଣି ନୀରବ) କାହିଁକି ରାଜି ନ ହେବାର ଗୋଟାଏ କାରଣ ଥିବ ନା, ଖାଲି ରାଜି ନାହିଁ, ଏଇତେକେ ପାଠ ସରିଗଲା।ହଁ , ସେ ଅମୁକରେ ଉଣା ହେଲେ, ଅମୁକ କଥାକୁ ସମୁକ କଥା, ଏଠି ମନ୍ଦ ଅଛି, ସେଠି ହାନି ଅଛି- ଏଥିପାଇଁ ମୁଁ ମନା କରୁଛି।

ବନ- ନାହିଁ ବାପା, ମୁଁ ସେଠି ବାହା ହେବିନାହିଁ।

ମହେନ୍ଦ୍ରବାବୁ-ମୁଁ ଇମିତି କଥାକୁ କରିବି କଣ? ମୁଁ ଆଉ ତୋ ପାଇଁ ତାଠୁଁ ଭଲ ଘର ଖୋଜି ପାରିବି ନାହିଁ।ତୁ ତୋର ଖୋଜୁଥା ମୁଁ ଆଉ ପାରିବି ନାହିଁ ।କୋଉଥିରେ ଖୁଣ ଥାଆନ୍ତା-ହଁ, ତୁ ମନା କରନ୍ତୁ। ଦେଖିଲା ବେଳକୁ ସବୁ ଭଲ- ତୁ କଙ୍କଡ଼ା ଗାତରୁ ସାପ ପରି ଉଠି କହୁଚୁ –ନାହିଁ,ମୁଁ ସେଠି ବାହା ହେବିନାହିଁ।

(ମା ପାନ ବଢ଼ାଇଦେଲେ)

ମା- ତା କଥା ମୁଁ କିଛି ବୁଝିପାରୁନାହିଁ। ଏତେ ଭଲ ଘରେ ବାହା ହବନାହିଁ ତ ବାହା ହବ କେଉଁଠି?

ମହେନ୍ଦ୍ରବାବୁ- ଅଭିଲା କଥା ନା, ସିଏ ଯଦି ଏ ବିନୟବାବୁଙ୍କ ଘରେ ବାହା ହୁଏ, ତାହାହେଲେ କହିବାକୁ ହେବ ବନର ଭାଗ୍ୟ। ଯାହାକୁ ମୁଁ ପଚାରୁଛି, ସେ କହୁଛି'ଭାରି ଭଲ, ପଚାରିବାକୁ ହବ ନା ଆଉ?' ତାଙ୍କ ଭଳି ନାମଜାଦା ଘରେ ଆମର ବନ୍ଧୁ ହେବା ସୌଭାଗ୍ୟର କଥା, ମୁଁ କେତେ କଷ୍ଟରେ ସେଇଟା ବୁଝିଛି, ଆଉ ଭାଗ୍ୟକୁ ବି ସେ କେମିତି ରାଜି ହୋଇଗଲେ। ଏଥିକି ତୋର ଅମଙ୍ଗ!! ଏ ରାଜ୍ୟ ବାହାର କଥା ନୁହେଁ ତ ଆଉ କଣ?

Powered by Tekons

ନାଟକ

# ଜଉଘର

କବି ରଘୁନାଥ ଦାସ

ମା- ସେଠି ତ ମହା ଅୟସରେ ଚଳିବୁ। ବାପଘର କି ଶାଶୁଘର ଜାଣିପାରିବୁ ନାହିଁ। 'ମ' ବୋଲି ପଦେ କହିବାକୁ କେହି ନାହାନ୍ତି। ଏ ଭାଗ୍ୟ ଯଦି ତୋ କପାଳକୁ ହୁଏ, ଜାଣିବୁ ସେ ତୋ ପୂର୍ବ ଅର୍ଜିତ ସୁକୃତର। ଯାକୁ ତୁ ବସିଚୁ ଗୋଡ଼ରେ ଠେଲିଦେଇ ଯିବୁ- ଚଣ୍ଡାଳପରି ମହାପ୍ରସାଦକୁ ଫୋପାଡ଼ି ଦବୁ-ତୋର ଏତିକି ବୁଦ୍ଧି ନାହିଁ?

ବନ- ନା, ବୋଉ, ତୁମେ ଯାହା କୁହ ମୁଁ ସେଠି ବାହା ହେବି ନାହିଁ ତ।

ମହେନ୍ଦ୍ରବାବୁ- ବାହା ହବୁ ନାହିଁ? କଣ ତୋ ମନକୁ ନା କଣ? ତୋର ଦିନକୁ ଦିନକୁ ବେଶି ବୁଦ୍ଧି ହେଇଯାଉଛି ଲୋ ଦେଖୁଛି? ଯା, ହାଡ଼ିଘରେ ପଶିବୁ ତ ବାଉରୀ ଘରେ ପଶିବୁ। ଘୁଷୁରୀକି ପାଚିଲା କଦଳୀ ଦେଲେ ଗନ୍ଧାଏ ଯାହା କହନ୍ତି ସତ। ମୁଁ ଯା ପାଇଁ ଏତେ କଷ୍ଟ କରି ବୁଝିଲି, ଯାର ଏକା ନାହିଁ ଯେ ନାହିଁ। ସମସ୍ତେ ପ୍ରଶଂସା କଲାରୁ ଗୁଣ ବିକାଶୁଚି ଦେଖ। ଛତରଖାଇ ହବାକୁ ତୋ କପାଳରେ ଅଛି, ତୋତେ ସେ ଥାନ ଗନ୍ଧାଇବ ନାହିଁ, ଆଉ ହେବ କଣ?

ମା- ତମର ଏଥର ରାଗ ବାହାରିଲା, ତାକୁ ବୁଝେଇ କହିଲେ ସେ କଣ ବୁଝିଯିବ ନାହିଁ?ସେ କଣ ପିଲା ହୋଇଛିକି? ସିମିତି ତାଙ୍କ ଘର ଝିଅ ଚୁନୁ,ସିମିତି ଥେଇକି ଥେଇକି ନାଚିଲା, ସେଇଠୁ ବୁଝେଇ ଦେଲାଖୁଣୁ ଗଲା ସବୁ ସୁଧାର-ଫେର୍ ତ ବାହା ହୋଇଗଲା। ଇମିତି ରାଗିକରି କଣ ହେବ? ସେ ଟୋକିଟା କାହିଁକି ଟିକେ ଅଝଟ ଧରିଛିନା। ବୁଝେଇଦେଲେ ଯୋଉକଥାକୁ ସେଇକଥା।

ମହେନ୍ଦ୍ରବାବୁ- ଆଉ କେମିତି ବୁଝେଇବି? ମୁଁ ଆଉ ବୁଝେଇ ପାରେନାହିଁ ତମେ ବୁଝେଇ ପାରିବ ଯଦି ବୁଝା, ଇଏ ଗୋଟାଏ ଗୋଟାଏ ଗ୍ରହ ଜନ୍ମ ହୋଇଛନ୍ତି ମତେ ଟିକି ଟିକି କରି ଖାଇବାକୁ । ଯାଙ୍କ ଦାଉରେ ଶହେ ବର୍ଷର ପରମାୟୁ ଦିନକେ ତୁଟିଯିବ । ବିରକ୍ତ କରି କରି ମନୁଷ୍ୟକୁ ମାଇଲେ। ଆଉ ଏ ଜୀବନରେ ଟିକିଏ ବୋଲି ଶାନ୍ତି ନାହିଁ । (ଟିକିଏ ଗୁମ୍ ମାରି)

ହେଁ, ଆଜି ମୁଁ ବିନାୟକ ବାବୁଙ୍କୁ ନିର୍ଭର ଜବାବ ଦେଇ ଆସିଲି, କିନ୍ତୁ ଦେଖ ଯାଙ୍କ କଥା ।ମୁଁ କୋଉ ମୁହଁରେ ଫେର୍ ମନା କରିବି? କୋଉ ମୁହଁରେ ଫେର୍ ତାଙ୍କ ସାଙ୍ଗରେ ଆଉ ଥରକୁ ଆଉ ଥର କଥାବାର୍ତ୍ତା କରିବି ଯାଙ୍କରି ଯୋଗୁଁ ମୁଁ କାଲି ଏତେ ଅପମାନ ସହିବି? ଇଏ ବାହାହେଲେ କେତେ ନ ବାହାହେଲେ କେତେ, ହାଡ଼ି ଘରକୁ ଗଲେ କେତେ, ପଠାଣ ଘରକୁ ଗଲେ କେତେ,ଯାଙ୍କରି ସୁଖକୁ ଦେଖିବାକୁ ଧାଇଁ ଧାଇଁ ମୋର ଆଉ ଜୀବନରେ ଶାନ୍ତି ନାହିଁ। ଇଏ ଓଲଟି ମତେ କାଲୁବାଲୁ କରି ମାରିବାକୁ ବସିଛନ୍ତି। ଯାଙ୍କର ମୋ ପ୍ରତି ଟିକିଏ ହେଲେ ମାୟା ନାହିଁ କି ମମତା ନାହିଁ, ମୋର କାହିଁକି ଯାଙ୍କ ପାଇଁ ଏତେ ମୁଣ୍ଡ ଘୂରୁଚି!

www.jataayu.org

*ନାଟକ*

# ଜଉଘର

କବି ରଘୁନାଥ ଦାସ

ବନ- ଇମିତି ରାଗିବାର, ବାପା,କିଛି ଆବଶ୍ୟକ ନାହିଁ । ଆପଣ ଖାଲି ବୃଥାରେ ରାଗୁଛନ୍ତି। ଆପଣ ମୋ ବିଭାଘର ଠିକ୍ କରିଦେଇ ଆସିବା ଆଗରୁ ତ ମୋତେ ପଚାରି ନାହାନ୍ତି- ମୋର କିଛି ଦୋଷ ନାହିଁ

ମହେନ୍ଦ୍ରବାବୁ- ନାହିଁ, ସବୁ ଦୋଷ ମୋର। ମୁଁ ତମକୁ ଜନ୍ମ କରିଛି ଯେତେବେଳେ(ମା ଟିକିଏ ମହେନ୍ଦ୍ରବାବୁଙ୍କ ଆଡ଼କୁ ଏହି ସମୟରେ ଅନେଇଲେ)ଦୋଷଯାକ ମୋର ହବନାହିଁ ହେବ କାହାର ? ତୋର ମତ ନ ନେଇ ଠିକ୍ କରିଦେଲି ଯେ ଗୋଟାଏ ଅପରାଧ କରିଦେଲି। ୟାର ବୁଦ୍ଧି ମୋଠୁ ବେଶି ନା? ଇଏ ମୋ ଠୁ ବେଶି ବୁଝି ବିଚାରିପାରେ।ମୋଠୁ ଜନ୍ମ ହେଇ ମୋ ଆଗରେ କେମିତି ଫାଜିଲ୍ ଚାଲାକିରେ କଥା କହୁଚି ଦେଖ। ୟାର ଫେର୍ ଗୋଟେ ମତ ନେଇଥାନ୍ତେ! ମୋତେ ବୁଦ୍ଧି ବତଉଛି । ନ ନେଲେ କଣ ଯେ ମାରା ହେଇଗଲା?ତମେ ମୋତେ ମାରିବାକୁ ଜନ୍ମ ହେଇଛ। ଯୋଉଦିନ ମୁଁ ମରିବି ସେଦିନ ତମ ମନ ଶାନ୍ତି ହେବ।

ମା- ଆହା, ଅତି ଗୁଡ଼ାଏ କହି ଦେଇଯାଉଛ, ତୁନି ହୁଅ।

ମହେନ୍ଦ୍ରବାବୁ- ଯା, ଯାହାପାର ତା କର, ମୁଁ ଆଉ ତମକୁ କିଛି କହୁନାହିଁ। କୋଉଠୁ ଗୁଡ଼ାଏ ଜନ୍ମ ହେଲେ, ଘରର ମାନ ମର୍ଯ୍ୟାଦା ସବୁ ବୁଡ଼େଇଲେ ।

ମା- ଯାଅ ତୁମେ ଶୋଇବ-ଆଉ ଗୁଡ଼ାଏ ବକର ବକର ହୁଅନାହିଁ।

ମହେନ୍ଦ୍ରବାବୁ- ମତେ ଶୁଆଇ ଦେଉଛନ୍ତି ଯେ ମୁଁ ଶୋଇବି। ୟାଙ୍କରି ଯୋଗୁଁରୁ ତ ରାତିରେ ନିଦ ନାହିଁ କି ଦିନରେ ଭୋକ ନାହିଁ।

ବନ- ବାବା, ମୋ ଉପରେ ବିରକ୍ତ ହେବାର କିଛି କାରଣ ନାହିଁ ମୋର ବିବାହରେ ମୋର ମତ ନେବା ଦରକାର।

ମହେନ୍ଦ୍ରବାବୁ- ତୋର ମତ ନେବି?ତୋରି ମତରେ ବାହାଘର ହେବ?

ବନ- ଏତେ ବିଚଳିତ ହେବାର ଏ କଥା ନୁହେଁ , ମୋର ଯେଉଁଥିରେ ମଙ୍ଗଳ ହେବ, ମୁଁ ସେକଥା କହୁଛି-

ମହେନ୍ଦ୍ରବାବୁ- ନାହିଁ, ତୋର ବାପା ମା ହୋଇ ଆମେ ଖାଲି ତୋର ଅମଙ୍ଗଳକୁ ଅଛୁ-ଆମେ ବାହାଘର ଠିକ୍ କଲେ ହେଲାନାହିଁ-ତୋର ମନ ମୁତାବକ ତୁ ବାହାଘର ଠିକ୍ କରିବୁ।

www.jataayu.org

*ନାଟକ*

# ଜଉଘର

କବି ରଘୁନାଥ ଦାସ

ବନ- ହଁ ବାପା, ବାହାଘର ଜିନିଷଟା ସେହିପରି। ବର ଓ କନ୍ୟାର ମନ ଉପରେ ତା ସମ୍ପୂର୍ଣ୍ଣ ଛାଡ଼ିଦେବାର କଥା।

ମହେନ୍ଦ୍ରବାବୁ- ଆମଠୁ ଜନ୍ମ ହେଇ ଆମକୁ ପାଠ ଶିଖେଇବାକୁ ଆସିଛୁ? ତୋରି ଏକା ମନ ଅଛି?ଦୁନିଆରେ କିଏ କୋଉଠି ଇମିତି ଝିଅକୁ ପଚାରି ବାହାଘର କରୁଚି ଝିଅର ମତରେ ବାହାଘର ହେବ, ଆଉ ବାପା ମା ଗାଧୋଇଯିବେ।

ବନ- ବାପା ମୋର ବିଭାଘର ହେବ, ମୋର ମତ ଲୋଡ଼ାନାହିଁ, ଲୋଡ଼ା ବାପାମାଙ୍କର, ମୁଁ ନା ଆପଣ କାହାକୁ ମୋ ସ୍ବାମୀଙ୍କ ସହିତ ରହିବାକୁ ହେବ? ମୁଁ ଯଦି ମୋ ସ୍ବାମୀ ଙ୍କ ସହିତ ସୁଖରେ ରହି ନ ପାରେ ତେବେ ଜୀବନଯାକ ସେ ଦୁଃଖ, ସେ ଅଶାନ୍ତି କାହାକୁ ଭୋଗ କରିବାକୁ ହେବ? ଆପଣଙ୍କ ଭୁଲ୍ ଲାଗି ମୋତେ ହିଁ ସବୁ ଦୁଃଖ ସହିବାକୁ ହେବ।

ମହେନ୍ଦ୍ରବାବୁ- ଚୁପ୍ ହୋ, ନା, ତୋତେ ସେଠି ନିଶ୍ଚୟ ବିଭା କରିବାକୁ ପଡ଼ିବ ।

ବନ- କଦାପି ନୁହେଁ।

ମହେନ୍ଦ୍ରବାବୁ- ଅଲ୍‌ବତ୍

ବନ - କେବେ ନୁହଁ।

ମହେନ୍ଦ୍ରବାବୁ- ଅଲ୍‌ବତ୍,ଅଲ୍‌ବତ୍-ଦେଖିବି ତମର ସଇତାନି କେତେ ଦୂର ଯାଉଛି।

ବନ- ବାପା ମୁଁ ସେଠି ବାହା ହେବିନାହିଁ-ଏଇଟା ମୋର ସ୍ବାଧୀନ ମତ।

ମହେନ୍ଦ୍ରବାବୁ- ତୋର ସ୍ବାଧୀନ ମତ? ଏଇ ସ୍ବାଧୀନତା ପାଇଲୁ କୋଉଦିନୁ?

ବନ- ବହୁତ ଦିନୁ ବାବା, ବହୁତ ଦିନୁ-ଯୋଉଦିନ ମୁଁ ଭାବିବାକୁ ଶିଖିଛି , ସେହିଦିନୁ।

ମହେନ୍ଦ୍ରବାବୁ- ବନ,ଦେଖ ମୁଁ ଶେଷ ଥର ପାଇଁ ପଚାରିଦେଉଛି ଭଲରେ ତୁ ସେଠି ବାହା ହେବୁକି ନାହିଁ?

ବନ- ନା।

ମହେନ୍ଦ୍ରବାବୁ- ନା?ଆଚ୍ଛା ଦେଖାଯାଉ, ତୁ କେତେଦୂର କଣ କରିପାରୁ?ତୋ କପାଳରେ ଅଛି ଗିରିଶବାବୁଙ୍କ ଝିଅପରି ସେମିତି ହାତଗୋଡ଼ ବନ୍ଧାହୋଇ ବାହାହେବୁ।



www.jataayu.org

# ଜଉଘର

କବି ରଘୁନାଥ ଦାସ

ବନ- ହଁ ବାବା, ସେଇ ଗୁଣ୍ଡାମି, ସେଇ ଗୁଣ୍ଡାମି ବଳରେ ଆପଣ ଏତେ ଦିନ ଅତ୍ୟାଚାର କରି ଆସିଛନ୍ତି। ସ୍ନେହ, ମମତାର ନାମ ଦେଇ ଆପଣ ସବୁଦିନେ ଏଇ ଗୁଣ୍ଡାମି ଚଳାଇଥାନ୍ତି।

ମହେନ୍ଦ୍ରବାବୁ- କଣ କହିଲୁ? ମୁଁ ଗୁଣ୍ଡା?

ବନ- ହଁ, ଆପଣ ଗୁଣ୍ଡା-ଆଉ ଆପଣ ଚାହାନ୍ତି ସମସ୍ତଙ୍କୁ କ୍ରୀତଦାସ କରି ରଖିବାକୁ ।ମୁଁ ଚାହେଁ ମୋର ସ୍ବାଧୀନତା। ଭାଇ ଚାହିଁଥିଲେ ସେଇଆ –ଆପଣ ତାଙ୍କୁ ଘରୁ କାଢ଼ିଦେଲେ- ମୁଁ ବି ମୋ ସ୍ବାଧୀନତା ବଜାୟ ରଖିବା ପାଇଁ, ଘରୁ ଚାଲିଯିବାକୁ ପ୍ରସ୍ତୁତ।

ମହେନ୍ଦ୍ରବାବୁ- ତେବେ-

ବନ- ଓଃ,ଏଇକ୍ଷଣି ଚାଲିଯାଉଛି।(ବନ ଦର୍ପର ସହିତ ସେ ଘରୁ ଚାଲିଗଲା-ମା ଓ ମହେନ୍ଦ୍ରବାବୁ ବଲ ବଲ ସେହିପରି ଅନାଇଥାଆନ୍ତି।)

ମା- ବନ, ବନ ଯାଉଛୁ କୁଆଡ଼େ(କିଛି ଉତ୍ତର ନାହିଁ)ହଇଏ କୁଆଡ଼େ ଗଲାକି?

ମହେନ୍ଦ୍ରବାବୁ- ଶୁଣିଲ ନାଇଁକି ?

ମା- କଣ, ତାଙ୍କ କଥାରୁ ମୁଁ କଣ ବୁଝିପାରୁଛି? କଣ ସ୍ବାଧୀନ ଦାସ ଫାସ ଗୁଡ଼ାଏ ସେ କି କଥା ମୁଁ ବୁଝିପାରିଲି ନାହିଁ।

ମହେନ୍ଦ୍ରବାବୁ- ସେ ଗଲା, ସେ ଘରେ ରହିବ ନାହିଁ, ତା ମନ ମୁତାବକ କାମ କରିବ (ମା ସେ ଘରୁ ଧାଇଁଲେ- ଏହି ସମୟରେ ଶୁଭିଲା ଦାଣ୍ଡ କବାଟର ଶବ୍ଦ। ମାଆଙ୍କ କଥାଗୁଡ଼ାକ ମଧ୍ୟ ସେ କବରରୁ ଶୁଣା ଯାଉଥାଏ –ମା"ଏ ବନ,ବନ, କୁଆଡ଼େ ଗଲୁ ଝିଅ- ଏ କି କଥାଲୋ –ଇଲୋ କୁଆଡ଼େ ଯାଉଚୁ ଏତେ ରାତିରେ ?ଏ ବନ,ଶୁଣି ଯାଆମ-ମୋ ରାଣଟି, ମୋ ମୁଣ୍ଡ ଖାଇଲାପିରିଟି-ହଇଲୋ ଝିଅ ଅତି ଫେର୍ ଗୁଡ଼ାଏ ଆ ଭାଆରି କୁଆଡ଼େ ଗଲୁମ ଅନ୍ଧାରରେ? କାଇଁ କୁଆଡ଼େ ଗଲାଭାରି"। ମହେନ୍ଦ୍ରବାବୁ ରାଗ ଓ ଗାମ୍ଭୀର୍ଯ୍ୟର ମୂର୍ତ୍ତି ଧାରଣ କରି ବସି ଥାଆନ୍ତି । ମା ଫେର୍ ସେ ଘରଭିତରକୁ ପଶି ଆସିଲେ-ମୁହଁରେ ତାଙ୍କର ଉଦ୍‌ବିଗ୍ନତାର ଚିହ୍ନ)

ମା- ଏ ରାତି ଦଶଟାବେଳେ ଗଲା ସେ କୁଆଡ଼େ? ମୋ ମାଆଲୋ, ଘରୁ ଗୋଡ଼କାଢ଼ି ପଳେଇଲା କୁଆଡ଼େ? ହଇଏ ବସିଲ କଅଣ ମ? , ଯାଅ ମ ଯାଅ;କଣ ଗୋଟାଏ ବସିଛ ମ । ଯାଉନ ଯାଅ ମ, ତାକୁ ଲେଉଟାଇ ଆଣ ମ- କୁଆଡ଼େ ଏତେ ରାତିରେ ଅନ୍ଧାରରେ ଗଲା ସିଏ, ଯାଉନ, ହଇହେ ବେଗି ଯାଅ ମ୍- ଟୋକୀଟା ଖାଇନି କିଛି-

www.jetaayu.org

Powered by Tekons

*ନାଟକ*

# ଜଉଘର

କବି ରଘୁନାଥ ଦାସ

ମା- ଯାଇ ପାରିବ ନାହିଁ ତ, ଏତେ କଥା ମୁହଁକୁ ଆସୁଥିଲା କାହିଁକି? କହିଲା ବେଳକୁ ଆଗ –ସହିଲା ବେଳକୁ ନାହିଁ? ଯାଅମ।

ମହେନ୍ଦ୍ରବାବୁ- କାହିଁକି ନାହିଁ ତ ଆଉ କଣ ଦୋଳିରେ ବସେଇ ଝୁଲେଇବି? ଯାଆନ୍ତୁ ସେ – ମୁଁ ଯିବି ଫେର୍ ତାଙ୍କ ଗୋଡ଼ହାତ ଧରି ଲେଉଟାଇ ଆଣିବାକୁ। ଯାଆନ୍ତୁ ସେ –

ଭଲା, ତମକୁ କିଏ କହୁଥିଲା, ଭୁଆସୁଣୀ ଝିଅଟା ଉପରେ ତମର ସବୁ ରାଗ ଝଡ଼େଇବାକୁ, ଭୁଆସୁଣୀ ଝିଅକୁ ଡରୁ ଡରୁ ତ କାଳ ସରୁନାହିଁ। ବାପ ଘରେ ତା ଆଇଷ ଆଉ କେତେଦିନ? ତା ପରେ ସିଏ ଆଉ କାହାର , ଏଇ ଦିନ କେଇଟା ଏଇଥିରେ ତମର ଏତେ ଜୁଲମ,ଏତେ ରାଗ!ଏଇକ୍ଷଣି ଗଲା ସେ, ମନକୁ ଖାଲି କାଳ ଛୁଇଁଚି, କଟକ ସହର, କୋଉଠି ନଈ, ନା,କୂଅ, ପୋଖରୀ-କୁଆଡ଼େ କେତେକ କଣ। ତମେ କିମିତି ମଣିଷ ମ! ଭୁଆସୁଣୀ ଝିଅଟା ପଳେଇଗଲା, ତମର ଆଖି ଆଗରେ, ତମେ ଏଠି ଅଧୋକା ହୋଇ ବସିଛ। କିମିତିକା ଜନମ ପାଇବ ମ? ହଇ କିଏ-କଣ ଶୁଭୁଛିନା? (କାନ୍ଦୁଣୁ ମାନ୍ଦୁଣୁ ହୋଇ) ଇମିତି କଥା ଯଦି ତମର, ପୁଅ ଝିଅ ଜନମ କରୁଥିଲ କାହିଁକି?

ମହେନ୍ଦ୍ରବାବୁ- ରଖ,ରଖ, ଆଉ କାହାର ପୁଅ ଝିଅ ହଉନାହାନ୍ତି, ୟାଙ୍କର ଏକା ପୁଅ ଝିଅ । ସେଗୁଡ଼ାଙ୍କୁ ତ ତମେ ଖରାପ କରି ଦେଇଛ, ଏତେ ବେଳକୁ ମତେ ଖାଉଛ। ଗେଲବସର କର, ସିମିତି ଫଳ ଭୋଗ,କିଏ କଣ କରିବ? ମୁଁ ସେଇଦିନୁ କହୁଚି ତାଙ୍କୁ ଜବତ କର, ନା, ନାହିଁ ଆମେ ସିନିହ କରୁଛୁ-କର ସିନିହ, ଫଳ ପାଅ,କରୁଥା ସିନିହ।

ମା- ମୁଁ କଣ କଲିମ? ସବୁ ଦୋଷ ତ ମୋରି। ତାଙ୍କୁ ସବୁବେଳେ ଖାଲି ଛି, ଛାକର କଲ, ସବୁବେଳେ ରାଗ, ସବୁବେଳେ ନାଲି ଆଖି। ଏଥିରେ ଯେଖା ବାଟ ଯିଏ ଦେଖିଲେ, ତାଙ୍କ ଆଖି ଫିଟିଲାଖୁଣୁ ସେ କାହିଁକି ତମର ଏ କଡ଼ା କଥା ସହିବାକୁ ଯାଆନ୍ତେ ଯେ? ତମରି ଗୁଣରୁ ସବୁ ହଉଚି। ଏଥର ରାଗୁଥା।

ମହେନ୍ଦ୍ରବାବୁ- ଆଃ,ତମେ ତ ବୁଝିବାକୁ ଖମ୍ବଆଳୁ। ତମେ ସେ ଗୁଡ଼ାଙ୍କୁ ମୁହଁବଡ଼ା କରି ଦେଇଛ। ବାପ ମାଙ୍କୁ ଭକ୍ତି ନାହିଁ, ସମ୍ମାନ ନାହିଁ-ମୁହେଁ ମୁହେଁ ଚାପଡ଼ ମାଇଲା ପରି ଠୋଠୋ ଜବାବ ଦେଉଛନ୍ତି। ଇମିତି ମୁହଁ ବଡ଼ା କଲା କିଏ ସେ ? ତମେ ନା ମୁଁ? ଗେଲ ବସରିଆ ମା; ତମଠି ଖାଲି ସିନିହ ଶଗଡ଼ ଛିଣ୍ଡି ପଡ଼ିଛି।

ମା- ପୁଅ ତ ଗଲା , ଭୁଆସୁଣୀ ଝିଅକୁ ବି ଘରୁ ତଡ଼ିଲ, ଏଣିକି ତମ ରାଗ ଛିଣ୍ଡେଇବତ ମୋ ଉପରେ । ମୁଁ ଏତେ କଥା ସହିପାରିବି ନାହିଁ। ତମ ଦାଉ ମଣିଷ ସମ୍ଭାଳି ଏ ଘରେ ଚଳିପାରିବି ନାହିଁ। ମତେ ଘର କରିବା ଶିଖୋଉଛନ୍ତି, ପୁଅ ଗଲା, ଝିଅଗଲା, ତମରି ଯୋଗୁଁ; ଆଉ ମୁଁ? ମୁଁ ବି ଯାଉଛି, ମୋର କଣ କେହି ନାହାନ୍ତି କି? ତମେ ,ତମେ ତମର ଘରେ ବସିଥା –ମୁଁ ଯାଉଛି ମୋ ବାପଘରକୁ।

www.jatayu.org

# ଜଉଘର

କବି ରଘୁନାଥ ଦାସ

(ଏହା କହି ମା ଖସିଲେ- ମହେନ୍ଦ୍ରବାବୁ କାବା ହୋଇ ଅନେଇଛନ୍ତି- ଉଠିପଡ଼ି)

ମହେନ୍ଦ୍ରବାବୁ-   ହଇ କିଏ,ଯାଉଛ କୁଆଡ଼େ ମ? ମାଇଲେ ମଣିଷକୁ –ହଇକିଏ ଆସ-ଭୁଃ, କି କାଳ ଏ!!

www.jataayu.org